# ଭୁବନେଶ୍ୱର ସିଟି



# ଫେବୃଆରୀ ୩ରୁ ଭୂ-ଫେଷ୍ଟୋ
## ପାର୍କରେ ଖୋଲିବ କାହାଣୀ ପେଡ଼ି

- ତିନିଦିନ ଧରି ୪ଟି ସ୍ଥାନରେ ଚାଲିବ ଭୁବନେଶ୍ୱର କାହାଣୀ ଉତ୍ସବ
- ଦୃଷ୍ଟି, ଶ୍ରବଣବାଧିତଙ୍କ ପାଇଁ ସାଙ୍କେତିକ ଭାଷାରେ ହେବ ସ୍ୱତନ୍ତ୍ର ଅଧିବେଶନ




**ଭୁବନେଶ୍ୱର, ୨୪।୧(ସମିସ):** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଭୁବନେଶ୍ୱର କାହାଣୀ ଉତ୍ସବ 'ଭୂ-ଫେଷ୍ଟୋ'ର ର ତୃତୀୟ ସଂସ୍କରଣ ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ଫେବୃୟାରୀ ୩ରୁ ୫ ଯାଏ ରାଜଧାନୀର ୪ଟି ସ୍ୱତନ୍ତ୍ର ସ୍ଥାନ ଇନ୍ଦିରା ଗାନ୍ଧୀ ପାର୍କ, ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ କଳାଭୂମି, କଳିଙ୍ଗ ନଗରର ଏପିଜେ ଅବଦୁଲ କଲାମ ପାର୍କ ଓ ନୀଳାଦ୍ରି ବିହାରର ବୁଦ୍ଧ ଜୟନ୍ତୀ ପାର୍କରେ ଏକାସାଙ୍ଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ଅପରାହ୍ଣ ୨ଟା ୩୦ରୁ ସନ୍ଧ୍ୟା ସାଢ଼େ ୭ଟା ଯାଏ ଏହି ଉତ୍ସବ ଅନୁଷ୍ଠିତ ହେବ। ପୁରୁଷ ହକି ବିଶ୍ୱକପ୍ ସମୟରେ ଏହା ଡଟ୍ ଫେଷ୍ଟର ଏକ ଅଂଶ ଭାବରେ ୨୦୧୮ରେ ଆରମ୍ଭ ହୋଇଥିଲା। ଏହାକୁ ଭୁବନେଶ୍ୱର କାହାଣୀ ଉତ୍ସବ ଭାବେ ପରିଚୟ ଲାଭ କରିଛି। ଚଳିତ ବର୍ଷ ଫେବ୍ରୁଆରୀ ୩ରୁ ଫେବ୍ରୁଆରୀ ୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଏକାମ୍ର ଉତ୍ସବର ଏକ ଅଂଶ ଭାବେ ଏହାକୁ ପାଳନ କରାଯିବ। ବିଶ୍ୱ କଲ୍ୟାଣ ରଥ, ପ୍ରାଚୀ ତାରା ଓ ମୀରା ଦାସଙ୍କ ଭଳି ବିଶିଷ୍ଟ ମୌଖିକ କାହାଣୀକାରମାନେ ଗପ କହିବେ। କାହାଣୀ ଅଧିବେଶନ ସହିତ ଅଂଶଗ୍ରହଣକାରୀମାନେ ଷ୍ଟାଣ୍ଡଅପ୍ କମେଡି, ନାଗରିକ କାହାଣୀ, ପ୍ରେରଣାଦାୟକ ଜୀବନ କାହାଣୀ ଏବଂ ଲୋକକଳାର ମଜା ନେଇପାରିବେ। ଉଲ୍ଲେଖଯୋଗ୍ୟ ଯେ, ସମସ୍ତ ପରିବେଷଣ କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ। ବିଡିଏ ପକ୍ଷରୁ କୁହାଯାଇଛି, ଭୁବନେଶ୍ୱର କାହାଣୀ ଉତ୍ସବ କେବଳ ଏକ ପର୍ବ ନୁହେଁ ବରଂ ଅନ୍ତର୍ଭୁକ୍ତୀକରଣ ପାଇଁ ଏକ ପ୍ଲାଟଫର୍ମ। ଯେଉଁଥିରେ ସ୍କୁଲ, କଲେଜ ଏବଂ ବସ୍ତି ସମେତ ବିଭିନ୍ନ ଗୋଷ୍ଠୀ ଅଂଶଗ୍ରହଣ କରିପାରିବେ। ଦୃଷ୍ଟିହୀନ ଓ ଶ୍ରବଣ ହୀନ ଶ୍ରୋତାଙ୍କ ସୁବିଧା ପାଇଁ ସାଙ୍କେତିକ ଭାଷା ବ୍ୟବହାର କରି ଏକ ସ୍ୱତନ୍ତ୍ର କାହାଣୀ ଅଧିବେଶନ ଆୟୋଜନ କରାଯିବ, ଯାହା ସମସ୍ତଙ୍କ ପାଇଁ ଏକ ସ୍ୱତନ୍ତ୍ର ଅନୁଭୂତି ସୃଷ୍ଟି କରିବ।

● ବିଏମ୍‌ସି କଣ୍ଟ୍ରାକ୍ଟସ କମିଟି ବୈଠକ

# ୫୧ ପ୍ରକଳ୍ପ ପାଇଁ ୧୭ କୋଟି ମଞ୍ଜୁର

**ଭୁବନେଶ୍ୱର, ୨୪।୧(ସମିସ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୁଖ୍ୟାଳୟରେ ବୁଧବାର କଣ୍ଟ୍ରାକ୍ଟସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର୍ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କମିସନର୍ ବିଜୟଅମୃତା କୁଲାଙ୍ଗେ, ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ଅମରେଶ ଜେନା, କେ. ଶାନ୍ତି, ପୁଷ୍ପା ରାଉତଙ୍କ ସମେତ ବିଏମ୍‌ସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ମୋଟ ୫୧ଟି ପ୍ରକଳ୍ପ ପାଇଁ ପ୍ରାୟ ୧୭ କୋଟି ଟଙ୍କାର ବ୍ୟୟ ମଞ୍ଜୁରୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ୨ଟି ଡ୍ରେନ୍ ସହ ବିଭିନ୍ନ ୱାର୍ଡରେ ପକ୍କା ରାସ୍ତା, ପେଭର୍ ବ୍ଲକ ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ଏହି ଅର୍ଥ ବିନିଯୋଗ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ସେଥିମଧ୍ୟରୁ ବିଏମ୍‌ସି ଡିଭିଜନ-୧ରେ ମୋଟ ୧୮ଟି ପ୍ରକଳ୍ପ, ଡିଭିଜନ-୨ରେ ୨୫ ଏବଂ ଡିଭିଜନ-୩ରେ ୬ଟି ପ୍ରକଳ୍ପ ରହିଛି। ପ୍ରମୁଖ ଡ୍ରେନ୍ ଦୁଇଟି ପାଇଁ ସ୍ୱତନ୍ତ୍ର ଭାବେ ୭୦ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁରୀ କରାଯାଇଥିବା ବେଳେ ଡିଭିଜନ-୧ ପାଇଁ ପ୍ରାୟ ୫ କୋଟି ୪୫ ଲକ୍ଷ, ଡିଭିଡନ-୨ ପାଇଁ ପ୍ରାୟ ୮ କୋଟି, ଏବଂ ଡିଭିଜନ-୩ ପାଇଁ ପ୍ରାୟ ୧ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳକୁ କଣ୍ଟ୍ରାକ୍ଟସ କମିଟି ସ୍ୱୀକୃତି ଦେଇଛି। କୌଣସି ପରିସ୍ଥିତିରେ ଯେପରି ନିମ୍ନମାନର କାମ ନ ହୁଏ, ସେଥିପ୍ରତି ଇଞ୍ଜିନିୟରମାନେ ଧ୍ୟାନ ଦେବା ସହ କର୍ପୋରେଟରମାନେ ମଧ୍ୟ ତଦାରଖ କରିବାକୁ ମେୟର୍ କହିଛନ୍ତି।

# ୬ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ

**ବାଲିଅନ୍ତା, ୨୪।୧(ସମିସ):** ବାଲିଅନ୍ତା ବ୍ଲକ ଅଞ୍ଚଳରେ ବୁଧବାର ତୃତୀୟ ଏବଂ ଚତୁର୍ଥ ପର୍ଯ୍ୟାୟରେ ମୋଟ ୬ଟି ୫-ଟି ସ୍କୁଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିଡିଓ କନଫରେନ୍ସି ଜରିଆରେ ଲୋକାର୍ପିତ ହୋଇଯାଇଛି। ବେଣ୍ଟପୁରସ୍ଥିତ ଆଦର୍ଶ ହାଇସ୍କୁଲ, ପ୍ରତାପଶାସନ ବାଳକ ଉଚ୍ଚ ବିଦ୍ୟାଳୟ, ମହୁଖଣ୍ଡା ହାଇସ୍କୁଲ, ପଞ୍ଚାୟତ ହାଇସ୍କୁଲ ଶିଶିଲୋ, ପଞ୍ଚାୟତ ହାଇସ୍କୁଲ ବଇଁଚୁଆ ଓ ଭିଙ୍ଗାରପୁର ବାଳିକା ଉଚ୍ଚ ବିଦ୍ୟାଳୟ। ଏହି ଅବସରରେ ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ସମେତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଶିକ୍ଷା କମିଟି କାର୍ଯ୍ୟକର୍ତ୍ତା, ମୋ ସ୍କୁଲ କମିଟି କାର୍ଯ୍ୟକର୍ତ୍ତା, ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସମେତ ଅଭିଭାବକମାନେ ଉପସ୍ଥିତ ଥିଲେ।




# କୁଆଡ଼େ ଗଲା ବିଏମ୍‌ସିର 'କୁକୁର' ଫାଇଲ୍

● ରାଜଧାନୀରେ ବଢ଼ୁଛି ହିଂସ୍ର କୁକୁର ପାଳନର କ୍ରେଜ୍
● ତମ୍ବିତୋଫାନ ପରେ ବିଏମ୍‌ସି କରିଥିଲା ବାଇ-ଲ'

**ଭୁବନେଶ୍ୱର, ୨୪।୧(ସମିସ):**

ହିଂସ୍ର ଘରୋଇ ପୋଷା କୁକୁର ରାଜଧାନୀରେ ଆତଙ୍କ ଖେଳାଇବା ପରେ ବିଏମ୍‌ସି ପକ୍ଷରୁ ପୋଷା କୁକୁର ପାଳନକୁ ନେଇ ଏକ ବାଇ-ଲ ପ୍ରସ୍ତୁତ କରାଯାଇଥିଲା। ଯେଉଁଥିରେ କୁକୁର ମାଲିକଙ୍କ ଉପରେ କୁକୁର ପାଳନକୁ ନେଇ କଟକଣା ଲାଗିବ ବୋଲି କୁହାଯାଇଥିଲା। ଏହା ମଧ୍ୟରେ 'ବାଇ-ଲ'କୁ ବିଏମ୍‌ସି ତାର କାର୍ପୋରେସନ୍ ବୈଠକରେ ପାରିତ କରିସାରିଛି। ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଏହାକୁ ଗ୍ରୀନ୍ ସିଗ୍‌ନାଲ ଦେଇସାରିଛି। ଏହାସତ୍ତ୍ୱେ ମଧ୍ୟ ଉକ୍ତ ବାଇ-ଲ କେବେ ଆଇନରେ ପରିଣତ ହେବ ସେନେଇ କେହି ଠିକ୍ ଭାବେ କହି ପାରୁନାହାନ୍ତି। ବିଏମ୍‌ସିର ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି ଏହି ବାଇ-ଲ ଏବେ ପଶୁ ସମ୍ପଦ ବିଭାଗରେ ଅନୁମୋଦନ ପାଇଁ ପଡ଼ିରହିଛି। ଅନୁମୋଦନ ପରେ ଏହା ସରକାରଙ୍କ ପାଖକୁ ପଠାଯିବ ଓ ମଞ୍ଜୁରୀ ମିଳିବା ପରେ ବିଜ୍ଞପ୍ତୀ ପ୍ରକାଶ ପାଇ ଆଇନ୍‌ରେ ପରିଣତ ହେବ।

ସେପଟେ ରାଜଧାନୀରେ ହିଂସ୍ର ପ୍ରଜାତିର କୁକୁର ପ୍ରଜାତିର ପିଟ୍‌ବୁଲ୍, ରଟ୍ ୱିଲର ଏବଂ ଡୋଗୋ ଆର୍ଜେଣ୍ଟିନୋ ପ୍ରଭୃତି କୁକୁର ସଂଖ୍ୟା ବଢ଼ିବାରେ ଲାଗିଛି। ଏଭଳି କୁକୁର ରଖିବାକୁ ନେଇ ଲୋକମାନଙ୍କ ମଧ୍ୟରେ ଅଜବ କ୍ରେଜ୍ ଦେଖାଦେଇଛି। ଏହି କୁକୁରମାନେ ବହୁତ ହିଂସ୍ର। କାମୁଡ଼ିବା ଦ୍ୱାରା ମଣିଷର ମୃତ୍ୟୁ ହେବାର ଆଶଙ୍କା ରହିଛି। ରାଜଧାନୀ ରାସ୍ତାରେ ସକାଳେ ଏବଂ ସନ୍ଧ୍ୟାରେ ମାଲିକମାନେ ବୁଲାଇବାକୁ ଆଣୁଥିବା ଦେଖିବାକୁ ମିଳୁଛି। ବିଭିନ୍ନ ପାର୍କ କିମ୍ବା ଜନବସତି ସ୍ଥାନଗୁଡ଼ିକକୁ ମଧ୍ୟ ମାଲିକମାନେ ନେଇ ଆସୁଛନ୍ତି। ସେହିପରି ବିଭିନ୍ନ ଡଗ୍ ସୋ'ରେ ମାଳମାଳ ସଂଖ୍ୟାରେ ଏଭଳି ହିଂସ୍ର ପ୍ରଜାତିର କୁକୁରଙ୍କୁ ଦେଖିବାକୁ ମିଳୁଛି। ଏହି କୁକୁରମାନଙ୍କୁ ବୁଲାଇଲା ବେଳେ ସାମାନ୍ୟ ଅସାବଧାନତା ଲୋକଙ୍କ ପାଇଁ ବଡ଼ବିପଦର କାରଣ ପାଲଟୁଛି। ଦେଶର ବିଭିନ୍ନ ମହାନଗର ନିଗମରେ ଏଭଳି ପ୍ରଜାତିର କୁକୁରଙ୍କୁ ବ୍ୟାନ୍ କରାଯାଇଥିଲା ବେଳେ ଭୁବନେଶ୍ୱର ମହାନଗର ନିଗମରେ ଏପର୍ଯ୍ୟନ୍ତ ଏକ ବାଇ-ଲ ଆଣିବାକୁ ଏହା ମଧ୍ୟରେ ଦୀର୍ଘ ସମୟ ଲାଗିଗଲାଣି। ଗତବର୍ଷ ନଭେମ୍ବର ୧୭ ତାରିଖରେ ଇନ୍‌ଫୋସିଟି ଅଞ୍ଚଳରେ ୮ ବର୍ଷର ଶିଶୁକୁ ଆମେରିକୀୟ ଆକିତା ବ୍ରିଡ୍‌ର ଏକ କୁକୁର କାମୁଡ଼ି ଗୁରୁତର କରି ଦେଇଥିଲା। ଏହାକୁ ନେଇ ତୁମ୍ବି ତୋଫାନ ହେବାରୁ ବିଏମ୍‌ସି କୁକୁର 'ବାଇ-ଲ' ଆଣିବ ବୋଲି କହିଥିଲା। ବାଇ-ଲ ଅନୁଯାୟୀ କୁକୁର ମାଲିକ ବିଏମ୍‌ସି ଅଧୀନରେ ନିଜ କୁକୁରକୁ ୫୦୦ଟଙ୍କା ଦେଇ ପଞ୍ଜୀକରଣ କରାଇବେ। କୁକୁରଟି ରାବିସ୍ ଟିକା ନେଇଛି ବୋଲି ଜଣେ ପଶୁ ଡାକ୍ତର ସାର୍ଟିଫିକେଟ୍ ଦେବେ। ବିଏମ୍‌ସି କୁକୁରକୁ ଏକ ଟୋକନ ପ୍ରଦାନ କରିବ ଯେଉଁଥିରେ ମାଲିକଙ୍କ ନାମ ଠିକଣା ଲେଖାଯାଇଥିବ। ଯଦି କୌଣସି କୁକୁର ବାହାରେ ବୁଲୁଥିବା ଦେଖିବାକୁ ମିଳିବ ଟୋକନକୁ ଚିହ୍ନଟ କରି ମାଲିକଙ୍କୁ ଦାୟୀ କରାଯିବା ସହ ମୋଟା ଅଙ୍କର ଜରିମାନା କରାଯିବ। ଯଦି କେହି ଟୋକନ ନ ପିନ୍ଧାଇବେ ତେବେ ବାହାରେ ବୁଲୁଥିବା କୁକୁରକୁ ବିଏମ୍‌ସି ନେଇଯିବ। ସେହିପରି ଆକ୍ରମଣାତ୍ମକ କୁକୁର ସବୁବେଳେ ଚେନ୍‌ରେ ବନ୍ଧା ହେବେ। ବାହାରେ ବୁଲାଇବାକୁ ନେଉଥିବା ଲୋକ ହାତରେ ବାଡ଼ି ରହିବା ନିହାତି ଆବଶ୍ୟକ। ଏହା ବ୍ୟତୀତ ରେଜିଷ୍ଟ୍ରେସନ ଦ୍ୱାରା ରାଜଧାନୀରେ କେତେ ସଂଖ୍ୟାରେ ହିଂସ କୁକୁର ଏବଂ କେତେ ସଂଖ୍ୟାରେ ଅଣ ହିଂସ୍ର କୁକୁର ରହିଛନ୍ତି ତାହା ସ୍ପଷ୍ଟ ଜଣା ପଡ଼ିବାର ଉଦ୍ଦେଶ୍ୟ ସାଧନ ହେବ। ହେଲେ କୁକୁର ଫାଇଲ୍ ବିଭିନ୍ନ ବିଭାଗରୁ ମଞ୍ଜୁରୀ ପାଇଁ ବିଳମ୍ବ ହେବାରୁ ନିୟମ ଲାଗୁ ହୋଇପାରୁ ନାହିଁ। ଭବିଷ୍ୟତରେ ଏଭଳି ଅଘଟଣ ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି।



### ଦେଶର ୩ ମହାନଗରରେ ହିଂସ୍ର କୁକୁର ରଖିବା ମନା

ଗାଜିଆବାଦ୍ ମହାନଗର ନିଗମ ବ୍ରିଡ୍ ପିଟ୍‌ବୁଲ୍, ରଟ୍ ୱିଲର ଏବଂ ଡୋଗୋ ଆର୍ଜେଣ୍ଟିନୋ ପ୍ରଭୃତି କୁକୁର ରଖିବା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇ ଦେଇଛି। ମାଲିକମାନେ ଆଉ ନୂଆ କୁକୁର ରଖି ପାରିବେନି। ତେଣୁ ଏହି କୁକୁରର ରେଜିଷ୍ଟ୍ରେସନ ବନ୍ଦ କରାଯାଇଛି। ସେହିପରି ଯେଉଁମାନଙ୍କ ପାଖରେ ଏଭଳି କୁକୁର ରହିଛି ସେମାନଙ୍କୁ ତୁରନ୍ତ ବନ୍ଧ୍ୟାକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ପଞ୍ଚକୁଲା ମହାନଗର ନିଗମ ଏବଂ କାନପୁର ମହାନଗର ନିଗମ ପିଟ୍‌ବୁଲ୍, ରଟ୍ ୱିଲର କୁକୁର ବ୍ରିଡ୍ ପାଳନ ଉପରେ ରୋକ୍ ଲଗାଇଛି।

# ଶୀତୁଆ ସଞ୍ଜ, ହେମାଳ ପବନ, ଝିପିଝିପି ବର୍ଷା



**ଭୁବନେଶ୍ୱର, ୨୪।୧(ସମିସ):** ଭୋରୁ ଭୋରୁ ଝିପ୍ ଝିପ୍ ବର୍ଷା ହୋଇଥିଲା। ସାରା ଦିନ କୋହଲା ପାଗ ଲାଗି ରହିଥିଲା। କୌଣସି କାମରେ ଘରୁ ଗୋଡ଼ କାଢ଼ିଲେ ଶୀତବସ୍ତ୍ର ଲୋଡ଼ା ପଡୁଥିଲା। ହେଲେ ବାହାରକୁ ଗଲେ ଝିପିଝିପି ବର୍ଷାରେ ଭିଜିବାକୁ ପଡୁଥିଲା। ତେଣୁ ବର୍ଷାତି ବି ଦରକାର ପଡୁଥିଲା। ତେଣୁ ଲୋକେ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ପଡୁଥଲେ। ବାହାରକୁ ଗଲେ ଶୀତବସ୍ତ୍ର ନେବେ ନା ବର୍ଷାତି। ଏପରିକି କିଛି ଲୋକ ରେନ୍‌କୋର୍ଟ ସହ ଶୀତବସ୍ତ୍ର ବି ନେଉଥିଲେ। ମାତ୍ର ଉଭୟ ପିନ୍ଧି ହେଉନଥିବାରୁ ଅକଳରେ ପଡୁଥିଲେ। ଏଭଳି ସ୍ଥିତି ଅଧିକ ବେହାଲ କରିଥିଲା ସନ୍ଧ୍ୟା ସମୟରେ। ଦିନସାରା ହାଲୁକା ଶୀତ ଲାଗି ରହିଥିଲାବେଳେ ବର୍ଷାର ନାଁ' ଗନ୍ଧ ନଥିଲା। ସନ୍ଧ୍ୟା ହେବାବେଳକୁ ଆରମ୍ଭ ହୋଇଯାଇଥିଲା ଝିପ୍ ଝିପ୍ ବର୍ଷା। ତା' ପରେ ଧୀରେ ବର୍ଷାର ପରିମାଣ ବଢ଼ିଥିଲା। ଯିଏ ଯେଉଁଠି ଥିଲା, ସେଇଠି ଛିଡ଼ା ହେବାକୁ ବାଧ ହେଲା। ବର୍ଷା ଭୟରେ କିଏ ଓଭରବ୍ରିଜ୍ ତଳେ ଆଶ୍ରୟ ନେଲା ତ ପୁଣି କିଏ ଦୋକାନ ଛାତ ତଳେ ମୁଣ୍ଡ ଗୁଞ୍ଜିବାକୁ ଦୌଡ଼ିଲା। ଅଧିକଂଶ ଶୀତବସ୍ତ୍ର ନେଇ ଘରୁ ବାହାରିଥିବାରୁ ଓଦା ହୋଇ ଘରକୁ ଫେରୁଥିବା ଦୃଶ୍ୟ ବି ରାଜଧାନୀରେ ଦେଖିବାକୁ ମିଳିଥିଲା। ପ୍ରାୟ ଦୁଇ ଘଣ୍ଟା ଲୋକମାନେ କଲବଲ ହୋଇଥିଲେ। ଶୀତୁଆ ସନ୍ଧ୍ୟାର ଅଦିନିଆ ବର୍ଷା ନାକେଦମ କରିଥିଲା। ଗତ ୫ଦିନ ପୂର୍ବରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପାଗ କୋହଲା ହେବା ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସର୍ତକ କରାଇ ଦିଆଯାଇଥିଲା। ଗତ ପାଞ୍ଚ ଦିନ ରାଜଧାନୀରେ ପାଗ କୋହଲା ରହୁଥିବାବେଳେ ଆଜି ପ୍ରତ୍ୟୁଷରୁ ଭୁବନେଶ୍ୱରରେ ବର୍ଷା ଆରମ୍ଭ ହୋଇ ଛାଡ଼ି ଯାଇଥିଲା। ଅପରାହ୍ଣ ୩ଟା ବେଳକୁ ଭରତପୁର ଅଞ୍ଚଳରେ ପ୍ରଥମେ ବର୍ଷା ଆରମ୍ଭ ହୋଇଯାଇଥିବାବେଳେ ୪ଟା ବେଳକୁ ଏଜି ଛକ, ରାଜଭବନ ଛକ ଆଦି ଜନଗହଳିପୂର୍ଣ୍ଣ ସ୍ଥାନରେ ହାଲୁକା ବର୍ଷା ହୋଇଥିଲା। ଠିକ୍ ସନ୍ଧ୍ୟା ୫ଟା ବେଳକୁ ସାରା ରାଜଧାନୀରେ ଢୁ ଢୁ ବର୍ଷା କାଟିଥିଲା। ଦିନ ସାରା କୋହଲା ପାଗ ଲାଗି ରହିଥିବାରୁ ଲୋକମାନେ ଟିକେ ଚଟପଟା ଖାଦ୍ୟ ଖାଇବାକୁ ସନ୍ଧ୍ୟାରେ ଘରୁ ବାହାରିଲା ବେଳକୁ ବର୍ଷା ସବୁ ବିଗାଡ଼ି ଦେଇଥିଲା। ଯେଉଁମାନେ ଘରକୁ ଫେରୁଥିଲେ, ଅବା ଘରୁ ବାହାରି ଆସିଥିଲେ, ସେମାନେ ଓଭରବ୍ରିଜ୍ ତଳେ ଭିଡ଼ ଜମାଇଥିଲେ।

### ଭିତରେ ଶୀତବସ୍ତ୍ର; ଉପରେ ବର୍ଷାତି

# ସୌନ୍ଦର୍ଯ୍ୟକରଣ ହେବ ମୁକ୍ତାକାଶ ପରିସ୍ରାଗାର

● ନୂଆ ପରିସ୍ରାଗାର ପାଇଁ ୧୬୮ ସ୍ଥାନ ଚିହ୍ନଟ କଲା ବିଏମ୍‌ସି
● ପ୍ରାଥମିକ ପର୍ଯ୍ୟାୟରେ ସିଆର୍‌ପି ଛକରେ ଚୂଡ଼ାନ୍ତ ହୋଇଛି ଜାଗା

**ଭୁବନେଶ୍ୱର, ୨୪।୧(ସମିସ):**

ବିଏମ୍‌ସି ପକ୍ଷରୁ ସହର ଭିତରେ ୧୬୮ଟି ସ୍ଥାନ ଚିହ୍ନଟ (ୟେଲୋ ସ୍ପଟ୍) କରାଯାଇଛି। ଯେଉଁଠି ଲୋକମାନେ ଖୋଲା ଆକାଶ ତଳେ ପ୍ରତ୍ୟହ ପରିସ୍ରା କରୁଛନ୍ତି। ଏହି ଚିହ୍ନଟ ସ୍ଥାନରେ ବିଏମ୍‌ସି ପକ୍ଷରୁ ସର୍ବସାଧାରଣ ଶୌଚାଳୟ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ଲୋକମାନଙ୍କର ଏଭଳି ଅଭ୍ୟାସ ବଦଳିବା ସହ ସହରର ସ୍ୱଚ୍ଛତା ଓ ସୁନ୍ଦରତା ବଜାୟ ରହିବ ବୋଲି ବିଏମ୍‌ସି ପକ୍ଷରୁ ଆଶା କରାଯାଇ ଏଭଳି ନିଷ୍ପତ୍ତି ନିଆଯାଇଛି। ସେହିଭଳି ଯେଉଁ ସ୍ଥାନଗୁଡ଼ିକ ଅପରିଷ୍କାର ଓ ପୂତିଗନ୍ଧମୟ ପରିବେଶରେ ପରଣିତ ହୋଇଛି, ତାହାକୁ ପ୍ରାଥମିକତା ଭିତ୍ତିରେ ସୌନ୍ଦର୍ଯ୍ୟକରଣ କରାଯିବ। ଫଳରେ ଲୋକମାନେ ସେହି ସ୍ଥାନରେ ପରିସ୍ରା କରିବାରୁ ନିବୃତ୍ତ ରହିବେ।

ସୂଚନାନୁସାରେ, ଏହି ସବୁ ୟେଲୋ ସ୍ଥାନଗୁଡ଼ିକୁ ନେଇ ବିଏମ୍‌ସି ପକ୍ଷରୁ ନିକଟରେ ଏକ ସର୍ଭେ କରାଯାଇଥିଲା। ଏହି ସର୍ଭେରୁ ଜଣାପଡ଼ିଛି ଯେ, ସହରର ଗୁରୁତ୍ୱପୂର୍ଣ୍ଣ ଜନଗହଳିପୂର୍ଣ୍ଣ ସ୍ଥାନରେ ଲୋକମାନେ ଖୋଲାରେ ପରିସ୍ରା କରୁଛନ୍ତି। ଏମିତିକି କିଛି ସ୍ଥାନରେ ମାତ୍ର କେଇ ମିଟର ଦୂରରେ ଶୌଚାଳୟ ଥିଲେ ହେଁ ଲୋକମାନେ ତାହାକୁ ବ୍ୟବହାର କରିବା ପରିବର୍ତ୍ତେ ବାହାରେ ପରିସ୍ରା କରୁଛନ୍ତି। ବିଶେଷକରି ଭାରତୀୟ ରିଜର୍ଭ ବ୍ୟାଙ୍କ ପାଖରେ ଏଭଳି ସ୍ଥାନ ଚିହ୍ନଟ ହୋଇଛି। ଏହାସହ ବଡ଼ ବଡ଼ ହୋଟେଲ, ସିନେମା ହଲ୍, ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ ଓ ବିଭିନ୍ନ ମଣ୍ଡପ ଆଦି ସ୍ଥାନରେ ଏହି ୟେଲୋ ସ୍ପଟ୍ ଚିହ୍ନଟ କରାଯାଇଛି। ସିଆର୍‌ପି ଛକରେ ଥିବା ୟେଲୋ ସ୍ପଟ୍‌କୁ ବିଏମ୍‌ସି ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ କରାଯାଇ ସେଠାରେ ଶୌଚାଳୟ ନିର୍ମାଣ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ସେହିଭଳି କ୍ୟାପିଟାଲ୍ ହସ୍ପିଟାଲ୍ ଓ ଏକାଧିକ ଘରୋଇ ହସ୍ପିଟାଲ୍ ପାର୍ଶ୍ୱବର୍ତ୍ତୀ ସ୍ଥାନଗୁଡ଼ିକରେ ମଧ୍ୟ ଏହି ସ୍ପଟ୍ ଚିହ୍ନଟ କରାଯାଇଛି। ଯେଉଁଠି ଲୋକମାନେ ମୁକ୍ତାକାଶରେ ପରିସ୍ରା କରୁଛନ୍ତି।




ବିଏମ୍‌ସି ୨୯୦ ସିଟ୍‌ର ଶୌଚାଳୟ ରହିଛି। ଏଥିରେ ୧୪୦ଟି ସର୍ବସାଧାରଣ ଶୌଚାଳୟ ଥିବାବେଳେ ୨୧ ଇ-ଟଏଲେଟ୍ ଓ ୨୬ଟି ପେଟ୍ରୋଲ୍ ପମ୍ପରେ ଶୌଚାଳୟ ସୁବିଧା ରହିଛି। ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁସାରେ, ଆମେ ୨୦୧୯ରେ ବାହାରେ ପରିସ୍ରା କଲେ ଜରିମାନା ଲାଗିବ ବୋଲି ବ୍ୟବସ୍ଥା କରିଥିଲୁ। ଲୋକମାନେ ଏହାକୁ ଭ୍ରୂକ୍ଷେପ କଲେନାହିଁ। ବରଂ ବାହାରେ ପରିସ୍ରା କରୁଥିବା ଲୋକମାନଙ୍କୁ ଜରିମାନା ଆଦାୟ କଲେ, ପୁଲିସ ସହ ବାକ୍‌ବିତଣ୍ଡା କରିବାକୁ ପଛାଇଲେ ନାହିଁ। ତେବେ ସହରରେ ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟ ବଜାୟ ରଖିବାକୁ ହେଲେ ଲୋକମାନଙ୍କୁ ଶୌଚାଳୟ ବ୍ୟବହାରର ଅଭ୍ୟାସ ବଦଳାଇବାକୁ ପଡ଼ିବ।

ଲୋକମାନଙ୍କ ସୁବିଧା ପାଇଁ ଶୌଚାଳୟ ସଫା ରଖିବାଠାରୁ ଆରମ୍ଭ କରି ସମସ୍ତ ଭିତ୍ତିଭୂମି ଉପରେ ଦୃଷ୍ଟି ଦିଆଯିବ। ଏହାସହ ଆଧୁନିକ ଶୌଚାଳୟ ନିର୍ମାଣ କରିବା କ୍ଷେତ୍ରରେ ବିଏମ୍‌ସି ପକ୍ଷରୁ ଯୋଜନା କରାଯାଉଛି। ଫଳରେ ଲୋକମାନେ ସଚେତନ ହୋଇ ବାହାରେ ପରିସ୍ରା କରିବା ଅଭ୍ୟାସ ବଦଳାଇବେ ଓ ଏହି ମଡର୍ଣ୍ଣ ଟଏଲେଟ୍ ସେମାନଙ୍କୁ ଆକର୍ଷିତ କରିବ ବୋଲି ଆଶା ରଖାଯାଇଛି। ଏହାସହ ଯେଉଁ ପାଚେରି କଡ଼ରେ ଲୋକମାନେ ଏବେ ପରିସ୍ରା କରୁଛନ୍ତି, ତାହାକୁ ସୌନ୍ଦର୍ଯ୍ୟକରଣ କରି ଦିଆଯିବ। ଫଳରେ ଏକ ପରିଷ୍କାର ସ୍ଥାନରେ ଜଣେ ପରିସ୍ରା କରିବା ପାଇଁ ସଙ୍କୋଚବୋଧ କରିବ ବୋଲି ସେ କହିଛନ୍ତି।

# ୧୪ ନମ୍ବର ୱାର୍ଡରେ ଭେଣ୍ଡିଂଜୋନ୍ ଉଦ୍‌ଘାଟିତ
## ଥଇଥାନ ହେଲେ ଉଠାଦୋକାନୀ



**ନନ୍ଦନକାନନ, ୨୪।୧(ସମିସ):** ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୧୪ ନମ୍ବର ୱାର୍ଡର ନୀଳାଦ୍ରି ବିହାର ବୁଦ୍ଧପାର୍କ ସମ୍ମୁଖରେ ଭେଣ୍ଡିଂଜୋନ୍ ଉଦଘାଟିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ଉଠାଦୋକାନୀମାନଙ୍କୁ ଥଇଥାନ କରାଯାଇଛି। ବିଜେଡି ଜିଲ୍ଲା ସାଂଗଠନିକ ସାଧାରଣ ସମ୍ପାଦକ ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ମତ୍ସ୍ୟ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର, ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ କୁନ ବିହାରୀ ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ମୋନାଲିସା ସାହୁ, ଅତିରିକ୍ତ କମିସନର ସୂର୍ଯ୍ୟବଂଶୀ ମୟୂର, ଉପଦେଷ୍ଟା ମନମୋହନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ୯ ଲକ୍ଷ ଟଙ୍କା ବ୍ୟୟରେ ୮ଟି ଦୋକାନ ନିର୍ମାଣ କରାଯାଇ ହିତାଧିକାରୀମାନଙ୍କୁ ବଣ୍ଟନ କରାଯାଇଛି।



# ଭୁବନେଶ୍ୱର ସିଟି

# ବଦଳିଲେ ଦ୍ୱୈତନଗରୀର ୨୪ ଥାନାଧିକାରୀ



- କଟକ ୟୁପିଡିର ୧୩; ଭୁବନେଶ୍ୱର ୟୁପିଡିର ୧୧ ଥାନା
- ୪ ଟ୍ରାଫିକ ଥାନାର ଅଧିକାରୀଙ୍କ ବଦଳି
- ବଦଳିଲେ ଭୁବନେଶ୍ୱର ରିଜର୍ଭ ଇନ୍ସପେକ୍ଟର

**ଭୁବନେଶ୍ୱର, ୨୪।୧(ସମିସ):** ସାଧାରଣ ନିର୍ବାଚନ ଉପରୁ କମିସନରେଟ୍ ପୁଲିସରେ ବଡ଼ଧରଣ ଅଦଳବଦଳ ହୋଇଛି। ଭୁବନେଶ୍ୱର ସହରାଞ୍ଚଳ ଓ କଟକ ସହରାଞ୍ଚଳରେ ଥିବା ଇନ୍ସପେକ୍ଟର ସ୍ତରରେ ଏହି ବଦଳି ପ୍ରକ୍ରିୟା ସମ୍ପାଦିତ ହୋଇଛି। ଦ୍ୱୈତନଗରୀରର ୨୪ ଥାନାଅଧିକାରୀଙ୍କ ନୂଆ ଥାନାର ଦାୟିତ୍ୱ ମିଳିଛି। ଭୁବନେଶ୍ୱର ୟୁପିଡି ଓ କଟକ ୟୁପିଡିରେ ନୂଆ ଥାନାର ଦାୟିତ୍ୱ ମିଳିଥିବା ଥାନାଧିକାରୀଙ୍କ ମଧ୍ୟରେ କିଛି ନୂଆ ମୁହଁ ରହିଛନ୍ତି। କଟକ ୟୁପିଡିର ୧୩ଜଣ ଓ ଭୁବନେଶ୍ୱର ୟୁପିଡିର ୧୧ଟି ଥାନାର ଅଧିକାରୀଙ୍କୁ ବଦଳ କରାଯାଇଛି। ସେହିପରି ଟ୍ରାଫିକ୍ ଥାନା ଦ୍ୱୈତନଗରୀରେ ଥିବା ୪ଟି ଟ୍ରାଫିକ ଥାନାର ଅଧିକାରୀଙ୍କୁ ବି ବଦଳି କରାଯାଇଛି। ଭୁବନେଶ୍ୱର ରିଜର୍ଭ ଇନ୍ସପେକ୍ଟରଙ୍କୁ ବି ଏଥର ବଦଳି କରାଯାଇଛି। ଏପରିକି ବାବଦରେ ରହି ବାଦ୍ ପଡ଼ିଥିବା କିଛି ଇନ୍ସପେକ୍ଟର ସ୍ତରର ଅଧିକାରୀଙ୍କ ପୁନଶ୍ଚ ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ଏହି ଅଦଳବଦଳ ପ୍ରକ୍ରିୟାରେ କିଛି ଥାନା ଅଭିଜ୍ଞ ଅଧିକାରୀଙ୍କୁ ବଡ଼ ଦାୟିତ୍ୱ ତୁଲାଇବାର ବି ଦାୟିତ୍ୱ ମିଳିଛି।

| ଇନ୍ସପେକ୍ଟର | କେଉଁଠି ଥିଲେ | କେଉଁଠି ହେଲେ |
|---|---|---|
| ସୁଧାଂଶୁ ଭୂଷଣ ଜେନା | ଲାଲବାଗ୍ | କ୍ୟାପିଟାଲ୍ |
| ଦୁର୍ଗେଶ୍ୱରୀ ପ୍ରଧାନ | ଲାଲବାଗ୍ (ଅତିରିକ୍ତ) | ମହିଳା |
| ରବୀନ୍ଦ୍ର ନାଥ ମେହେର | ଜଗତପୁର | ବାଲିଅନ୍ତା |
| ପ୍ରଦୀପ କୁମାର ଜେନା | କ୍ୟାଣ୍ଟନମେଣ୍ଟ | ଚନ୍ଦକା |
| ପ୍ରଦୀପ୍ତ କିଶୋର ନାୟକ | ବିଡ଼ାନାସୀ | ଧଉଳି |
| ଆକାଶ ଚନ୍ଦ୍ର ରଣା | ବାରଙ୍ଗ | ଟ୍ରାଫିକ-୧ |
| ମନୋଜ ରୋଶନ ବିଲୁଙ୍ଗ | ଏନ୍ଏଚ୍ ଟ୍ରାଫିକ | ଟ୍ରାଫିକ-୨ |
| ଶଶିକାନ୍ତ ରାଉତ | ଚାଉଳିଆଗଞ୍ଜ | ବାଲିପାଟଣା |
| କୃପାସିନ୍ଧୁ ବରାଡ | ସିଆର୍ଆର୍ଆଇ | ଇନ୍ଫୋଭ୍ୟାଲି |
| ତୁଷାରକାନ୍ତ ସେଠୀ | ମଧୁପାଟଣା | ଏୟାରଫିଲ୍ଡ |
| ସମିତା ମିଶ୍ର | ଆଇୟୁସିଏଡବ୍ଲ୍ୟୁ | ନନ୍ଦନକାନନ |
| ରେଣୁବାଳା ତ୍ରିପାଠୀ | ଆଇୟୁସିଏଡବ୍ଲ୍ୟୁ (କଟକ) | ଆଇୟୁସିଏଡବ୍ଲ୍ୟୁ (ଭୁବନେଶ୍ୱର) |
| ରିନା ମିଶ୍ର | ସଦର ଥାନା(ଅତିରିକ୍ତ) | ଆଇୟୁସିଏଡବ୍ଲ୍ୟୁ |
| ଦିଲ୍ଲୀପ ମର୍ଦ୍ଦରାଜ ଭୂୟାଁ | କଟକ ଡିସିପି କାର୍ଯ୍ୟାଳୟ | କ୍ୟାପିଟାଲ୍ (ଅତିରିକ୍ତ) |
| ରଞ୍ଜନ କୁମାର ନାୟକ | କଟକ ଡିସିପି କାର୍ଯ୍ୟାଳୟ | ମଞ୍ଚେଶ୍ୱର (ଅତିରିକ୍ତ) |
| ଅଶୋକ କୁମାର ନାୟକ | ଏୟାର୍ଫିଲ୍ଡ | ଏୟାର୍ପୋର୍ଟ |
| ଦୁର୍ଗେଶ ନନ୍ଦନ ମହାନ୍ତି | ବିଦ୍ୟୁତ ଥାନା କଟକ | ସ୍ୱତନ୍ତ୍ର ଅପରାଧ ଶାଖା |
| ତେରେସ୍କୋଭା ମହାପାତ୍ର | ଡିସିଆର୍ବି | ସାଇବର୍ ଥାନା (ଭୁବନେଶ୍ୱର) |
| ଦେବେନ୍ଦ୍ର କୁମାର ବିଶ୍ୱାଳ | ଟ୍ରାଫିକ-୨ | ଚାଉଳିଆଗଞ୍ଜ |
| ଓମ୍ପ୍ରକାଶ ମହାନ୍ତି | ବାଲିପାଟଣା | ଜଗତପୁର |
| ଚିତ୍ତରଞ୍ଜନ ରାଉତ | ଧଉଳି | ମଧୁପାଟଣା |
| ଜଗନ୍ନାଥ ମଲ୍ଲିକ | ମୁଖ୍ୟାଳୟ | କଟକ ସଦର |
| ଉମାକାନ୍ତ ସାହୁ | ମୁଖ୍ୟାଳୟ | ମଙ୍ଗଳାବାଗ |
| ଯୁବରାଜ ସ୍ୱାଇଁ | ବାଲିଅନ୍ତା | ବିଡ଼ାନାସୀ |
| ବିଜୟ ବାରିକ | ଇନ୍ଫୋଭ୍ୟାଲି | ସିଆର୍ଆର୍ଆଇ କଟକ |
| ପ୍ରମୋଦ ପଟ୍ଟନାୟକ | ଡିସିପି କାର୍ଯ୍ୟାଳୟ | କ୍ୟାଣ୍ଟନମେଣ୍ଟ |
| ରାଧାକାନ୍ତ ସାହୁ | ଚନ୍ଦକା | କନ୍ଦରପୁର |
| ବିଶ୍ୱରଞ୍ଜନ ନାୟକ | ନନ୍ଦନକାନନ | ବାରଙ୍ଗ |
| ଭାଗ୍ୟଶ୍ରୀ ସ୍ୱାଇଁ | ଅପରାଧ ଶାଖା | ମହିଳା ଥାନା(କଟକ) |
| ସନ୍ତୋଷିନୀ ବେହେରା | ଅପରାଧ ଶାଖା | ଆଇୟୁସିଏଡବ୍ଲ୍ୟୁ |
| ରଶ୍ମିତା ଜେନା | ସାଇବର୍ ଥାନା | ୟୁପି ଓ ଟିଟିଆଇ |
| ନିନା | ଡିସିଆର୍ବି | ୟୁପି ଓ ଟିଟିଆଇ |
| ଦୁର୍ଗାପ୍ରସାଦ ଜେନା | ଟ୍ରାଫିକ-୨ ଏନ୍ଏଚ୍, | ଫୁଲନଖରା |
| ଅସ୍ମିତା ମିଶ୍ର | ଭେରିଫିକେସନ୍ ସେଲ | ଡିଆଇବି, କଟକ |
| ଯୁଧିଷ୍ଠିର ପ୍ରଧାନ | ସିପି ମୁଖ୍ୟାଳୟ | ଆଇବି ସେକ୍ସନ |
| ପଦ୍ମନାଭ ପ୍ରଧାନ | କ୍ୟାପିଟାଲ୍ | ସିପି ମୁଖ୍ୟାଳୟ |
| ସୌମ୍ୟରଞ୍ଜନ ବିଶ୍ୱାଳ | ସିପି ମୁଖ୍ୟାଳୟ | ସ୍ୱତନ୍ତ୍ର ଅପରାଧ ଶାଖା |
| ମାଧବାନନ୍ଦ ବସ୍ତିଆ | ସିପି ମୁଖ୍ୟାଳୟ | ସ୍ୱତନ୍ତ୍ର ଅପରାଧ ଶାଖା |
| ନିରଞ୍ଜନ ଦାସ | ସିପି ମୁଖ୍ୟାଳୟ | ସ୍ୱତନ୍ତ୍ର ଅପରାଧ ଶାଖା |
| ଜୟନ୍ତ ବେହେରା | ଭୁବନେଶ୍ୱର ୟୁପିଡି | ଭୁବନେଶ୍ୱର ୟୁପିଡି |
| ସନ୍ତୋଷ ବେହେରା | ଭୁବନେଶ୍ୱର ୟୁପିଡି | ସ୍ୱତନ୍ତ୍ର ଅପରାଧ ଶାଖା |
| ପ୍ରଫୁଲ୍ଲ କୁମାର ସାହୁ | ଜଟଣୀ ଥାନା (ଆଟାଚ୍) | ଜଟଣୀ (ଅତିରିକ୍ତ) |
| ଅଞ୍ଜଳି ଛୋଟରାୟ | ଭିକ୍ଟର କଣ୍ଟ୍ରୋଲ ରୁମ୍ | ଆଇଏଏଚ୍ଟିୟୁ ସେଲ୍ଫ |
| ସନ୍ତୋଷ ଜେନା | ଆଇୟୁସିଏଡବ୍ଲ୍ୟୁ | ଡିସିପି କାର୍ଯ୍ୟାଳୟ (କଟକ) |
| ରାମହରି ସେଠୀ | ଶ୍ରୀଲିଙ୍ଗରାଜ (ଅତିରିକ୍ତ) | ଡିସିପି କାର୍ଯ୍ୟାଳୟ (କଟକ) |
| ଗୋପାଳକୃଷ୍ଣ ଜେନା | କ୍ୟାପିଟାଲ (ଅତିରିକ୍ତ) | ଡିସିପି କାର୍ଯ୍ୟାଳୟ (କଟକ) |
| ରଶ୍ମିରଞ୍ଜନ ମହାପାତ୍ର | ସଦର (କଟକ) | ଡିସିପି କାର୍ଯ୍ୟାଳୟ (କଟକ) |
| ଲୋଲା ବିଜୟରତନମ୍ | ଆର୍ଆଇ (ଆର୍ଓ) | ୟୁପିଟିଟିଆଇ |
| ଭଗବାନ ପାଣିଗ୍ରାହୀ | ୟୁପିଟିଟିଆଇ | ଆର୍ଆଇ (ଆର୍ଓ) |

# ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି | ସରିଲା ଫୁଲ୍ ଡ୍ରେସ୍ ରିହର୍ସାଲ





**ଭୁବନେଶ୍ୱର, ୨୪।୧(ସମିସ):**

ଦିନକ ପରେ ପାଳନ ହେବ ସାଧାରଣତନ୍ତ୍ର ଦିବସ। ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ଲାଗି ବୁଧବାର ଗାନ୍ଧୀମାର୍ଗରେ ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଫୁଲ ଡ୍ରେସ୍ ରିହର୍ସାଲ ଶେଷ ହୋଇଛି। ଏଥର ୪୬ଟି କଣ୍ଟିଜେଣ୍ଟ, ଗୋଟିଏ ଡେୟାରଡେଭିଲସ, ଗୋଟିଏ ସ୍କେଟିଂ, ୪ ଟି ସାଂସ୍କୃତିକ ଦଳ ଓ ୧୨ଟି ପ୍ରଜ୍ଞାପନ ମେଢ଼ ଅଂଶଗ୍ରହଣ କରିବେ। ଆଇଟିବିପି, ସିଆର୍ପିଏଫ୍, ବିଏସ୍ଏଫ୍, ଏସ୍ଏସ୍ବି, ଅଗ୍ନିଶମ, ଓଡ୍ରାଫ୍, ଆର୍ପିଏଫ୍, ଓଏସ୍ଏପି, ଓଆଇଏସ୍ଏଫ୍, ଟ୍ରାଫିକ, ସିଭିଲ୍ ଡିଫେନ୍ସ, ସପ୍ତମ ବାଟାଲିୟନ, ଷଷ୍ଠ ବାଟାଲିୟନ, ସଶସ୍ତ୍ର ବାହିନୀ ଓ ଝାଡ଼ଖଣ୍ଡର ଏକ ଟିମ୍ ଏଥିରେ ଭାଗନେବେ। ଚଳିତବର୍ଷ ପ୍ୟାରେଡ଼ କମାଣ୍ଡିଂ କରିବେ ବ୍ରହ୍ମପୁର ଏସ୍ପି (ପ୍ରଶିକ୍ଷାର୍ଥୀ) ଏ.ବି ଶିଲ୍ପା। ସେଭଳି ପରେଡ୍ ଅଭିବାଦନ

- ପରେଡ୍ସ୍ଥଳରସମୀକ୍ଷାକଲେପୁଲିସମହାନିର୍ଦ୍ଦେଶକ
- ସୁରକ୍ଷା ଦାୟିତ୍ୱରେ ୩୦ ପ୍ଲାଟୁନ୍ ପୁଲିସ ଫୋର୍ସ

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ରଘୁବର ଦାଶ ଓ ସମ୍ମାନିତ ଅତିଥିଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ସେଥିପାଇଁ ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି କମିସନରେଟ୍ ପୁଲିସ। ସୁରକ୍ଷା ଦାୟିତ୍ୱରେ ୩୦ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ଡିସିପିଙ୍କ ନେତୃତ୍ୱରେ ୬ ଜଣ ଅତିରିକ୍ତ ଡିସିପି, ୧୪ଏସିପି, ୨୮ ଜଣ ଆଇଆଇସି ସୁରକ୍ଷା ଦାୟିତ୍ୱରେ ରହିବେ। ରାଜ୍ୟସ୍ତରୀୟ ସଧାରଣତନ୍ତ୍ର ଦିବସ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେପଟେ ଉତ୍ସବରେ ଅଂଶଗ୍ରହଣ କରିଥିବା ବିଭିନ୍ନ କଳାକାର ମାନେ ବେଶ ଖୁସି ଥିବା କହିଛନ୍ତି।

## ମାଓ ଇଲାକାରେ ହାଇଆଲର୍ଟ

ଦିଲ୍ଲୀଠାରୁ ପଲ୍ଲୀ ଯାଏଁ ପାଳନ ହେଉଛି ସାଧାରଣତନ୍ତ୍ର ଦିବସ। ଏଣୁ ପ୍ରସ୍ତୁତିକୁ ଜୋର୍ଦାର କରାଯାଇଛି। ଆଉ ସୁରକ୍ଷାକୁ ଦୃଷ୍ଟିରୁ ନିର୍ଦ୍ଦେଶାବଳୀ ଅନୁସାରେ ସାରାରାଜ୍ୟରେ ଜାରିରହିବ ହାଇଆଲର୍ଟ। ବିଶେଷକରି ମାଓ ଅଧ୍ୟୁଷିତ ଇଲାକାରେ ଆହୁରି ସୁରକ୍ଷାକୁ ବଢ଼ାଇ ଦିଆଯାଇଛି। ମାଓ ଗତିବିଧି ସହ ଭିଆଇପି ଓ ଭିଭିଆପିଙ୍କ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଉପରେ କଡ଼ା ନଜର ରହିବ। ବିଭିନ୍ନ ଜିଲ୍ଲା ପୁଲିସ ସହ ଆଲୋଚନା କରାଯାଇ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖିବା ଲାଗି ଗୁଇନ୍ଦା ତଥ୍ୟକୁ ଆହୁରି ସୁଦୃଢ଼ କରାଯାଇଛି। ଓଡ଼ିଶା ପୁଲିସ ଓ କେନ୍ଦ୍ରୀୟ ବଳ ମିଳିତ ଅପରେସନ୍ ସହ ସାମିଲ ହେବା ସହ ସୁରକ୍ଷା ଦାୟିତ୍ୱର ତଦାରଖ କରୁଛନ୍ତି।

## ଗୋଚର ଜମିରୁ ପଥର ଉତ୍ତୋଳନ

# ଧରାପଡ଼ିଲେ ଦୁଇ, ଖସିଗଲେ ୧୧



**ଭୁବନେଶ୍ୱର, ୨୪।୧ (ସମିସ):** ରାଜଧାନୀରେ ବେଆଇନ ମାଙ୍କଡ଼ା ପଥର ଖଣି ସଂଖ୍ୟା ବଢ଼ିବାରେ ଲାଗିଛି । ପଥର କାଟିବାକୁ ଯାଇ ମାଫିଆମାନେ ଗୋଚର ଜମିକୁ ମଧ ଛାଡ଼ୁ ନାହାନ୍ତି । ଗୋଚର ଜମିରେ ମାଙ୍କଡ଼ା ଖଣି ଚାଲିଥିବା ବେଳେ ଚଢ଼ଉ କରିଛି ଏୟାରଫିଲ୍ଡ ଥାନା ପୁଲିସ । ମୁଖ୍ୟ ଅଭିଯୁକ୍ତ ଓ ତା'ର ସହଯୋଗୀକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ମୁଣ୍ଡଳ ଉପର ସାହିର ଜିତେନ୍ଦ୍ର ଦାସ (୨୫) ଓ ଜଗବନ୍ଧୁ ଦାସ (୨୯) । ହେଲେ ଆଉ ଜଣେ ସହଯୋଗୀଙ୍କ ସମେତ ୧୧ଜଣ ଘଟଣାସ୍ଥଳରୁ ଖସିଯିବାରେ ସକ୍ଷମ ହୋଇଛନ୍ତି । ପୁଲିସ ସୂଚନା ମୁତାବକ, ମଙ୍ଗଳବାର ଦ୍ୱିପହରରେ ମୁଣ୍ଡଳ ମୌଜାରେ ଥିବା ଘଞ୍ଚ ଜଙ୍ଗଲ ମଧ୍ୟରେ ମାଙ୍କଡ଼ା ପଥର ଖନନ ଓ ପରିବହନ ହେଉଥିବା ନେଇ ଏୟାରଫିଲ୍ଡ ଥାନା ଅଧିକାରୀଙ୍କୁ ଖବର ମିଳିଥିଲା। ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜଣେ ଏସଆଇଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ସେଠାରେ ଚଢ଼ଉ କରିଥିଲା। ଜିତେନ୍ଦ୍ର, ଜଗବନ୍ଧୁ ଓ ତାପସ ରଞ୍ଜନ ନାୟକ ଶ୍ରମିକ ଲୋକମାନଙ୍କୁ ନିୟୋଜିତ କରି ପାୱାରଟିଲର ଦ୍ୱାରା ମାଙ୍କଡ଼ା ପଥର କାଟୁଥିବା ବେଳେ ଦୁଇଟି ଟ୍ରକରେ ମାଙ୍କଡ଼ା ପଥର ବୋଝେଇ ହେଉଥିବା ଦେଖିବାକୁ ପାଇଥିଲେ। ଏଥିସହିତ ଖଣି ଉପରେ ଏକ କାର ଛିଡ଼ା ହୋଇଥିଲା। ପୁଲିସକୁ ଦେଖି କାମ କରୁଥିବା ଜଗବନ୍ଧୁ, ତାପସ ଓ ଶ୍ରମିକମାନେ ଘଟଣାସ୍ଥଳରୁ ଖସି ପଳାଇଥିଲେ। ହେଲେ ମୁଖ୍ୟ ଅଭିଯୁକ୍ତ ଜିତେନ୍ଦ୍ର ପୁଲିସ ହାବୁଡ଼ରେ ପଡ଼ିଥିଲା। ପୁଲିସ ଗୋଟିଏ କାର, ପାୱାରଟିଲର ଓ ଦୁଇଟି ମାଙ୍କଡ଼ା ପଥର ବୋଝେଇ ଟ୍ରକକୁ ଜବତ କରିଥିଲା। ପଥର ଖନନ ନେଇ କୌଣସି ବୈଧ କାଗଜପତ୍ର ଦେଖାଇ ନ ପାରିବାରୁ ଜିତେନ୍ଦ୍ରକୁ ଥାନାକୁ ଉଠାଇ ଆଣିଥିଲା ପୁଲିସ। ତାକୁ ପଚରାଉଚରା କରିବା ପରେ ତା ଠାରୁ ପାଇଥିବା ତଥ୍ୟ ଆଧାରରେ ପୁଲିସ ଚଢ଼ଉ କରିଥିଲା। ମୁଣ୍ଡଳ ଗାଁରୁ ଜଗବନ୍ଧୁକୁ ଗିରଫ କରିଥିଲା। ବୁଧବାର ଜିତେନ୍ଦ୍ର ଓ ଜଗବନ୍ଧୁକୁ କୋର୍ଟ ଚାଲାଣ କରିଛି ପୁଲିସ। ଘଟଣାରେ ସଂପୃକ୍ତ ତାପସ ଓ ଅନ୍ୟମାନେ ଫେରାର ରହିଥିବାବେଳେ ସେମାନଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ ଚଳାଇଛି।

- ୫ ଏକର ଜଙ୍ଗଲ ଜମି ବିକ୍ରି ଘଟଣା

# ଆର୍ଆଇଙ୍କୁ ରିପୋର୍ଟ ମାଗିଲେ ତହସିଲଦାର୍

**ଭୁବନେଶ୍ୱର, ୨୪।୧ (ସମିସ):** ଶିଖରଚଣ୍ଡୀ ମୁଣ୍ଡିଆ ତଳେ ଜଙ୍ଗଲ ଜମି ବିକ୍ରି ହୋଇଥିବା ଘଟଣା ପଦାକୁ ଆସିବା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ସରକାରୀ ଜମିରେ ଜବରଦଖଲ ଓ ବେଆଇନ ନିର୍ମାଣ ହୋଇଥିବା ନେଇ ରିପୋର୍ଟ ଦେବାକୁ ଚନ୍ଦକା ରାଜସ୍ୱ ନୀରିକ୍ଷକ (ଆରଆଇ)ଙ୍କୁ ରିପୋର୍ଟ ମାଗିଛନ୍ତି ଭୁବନେଶ୍ୱର ତହସିଲ ମାନସ ରଞ୍ଜନ ସ୍ୱାଇଁ । ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ରାଜସ୍ୱ ନୀରିକ୍ଷକ ସଞ୍ଜୟ ଦାସ ଜବରଦଖଲ ହୋଇଥିବା ଜମିକୁ ପରିଦର୍ଶନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଶିଖରଚଣ୍ଡୀ ମୁଣ୍ଡିଆ ତଳେ ପଥରଗାଡ଼ିଆ ମୌଜାରେ ଅନେକ ସରକାରୀ ଜମି ରହିଛି। ପୂର୍ବରୁ ସେହି ଜମିକୁ ଲିଜ ସୂତ୍ର ଥିବାବେଳେ ୨୦୧୪ ମସିହାରେ ବନ୍ଦୋବସ୍ତ ପରେ ତାହା ପୁଣି ସରକାରୀ ଖାତାକୁ ଫେରି ଯାଇଥିଲା। ହେଲେ କିଛିଦିନ ହେବ ସେହି ମୂଲ୍ୟବାନ ସରକାରୀ ଜମି ଉପରେ ଆଖି ପକାଇଛନ୍ତି ମାଫିଆ। ଜମିକୁ ପ୍ଲଟିଙ୍ଗ କରି ଶାଗ ମାଛ ଦରରେ ବିକ୍ରି କରୁଛନ୍ତି। ୯ଶହ ବର୍ଗଫୁଟର ଜମିକୁ ଦେଢ଼ ଲକ୍ଷ ଟଙ୍କାରୁ ଦୁଇ ଲକ୍ଷ ଟଙ୍କା ମୂଲ୍ୟରେ ବିକ୍ରି କରୁଛନ୍ତି। ଜଙ୍ଗଲ ଓ ପତିତ କିସମର ଆବାଦ ଯୋଗ୍ୟ ଅନାବାଦୀ ଜମିକୁ ଅନାୟାସରେ ବିକ୍ରି କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇନାହିଁ। ଲୋକମାନେ ମଧ ଜମି କିଣି ଘର ତିଆରିରେ ଲାଗି ପଡ଼ିଛନ୍ତି। ଏପର୍ଯ୍ୟନ୍ତ ପ୍ରାୟ ୨୦ ଟି ଘର ନିର୍ମାଣ ଚାଲିଛି। ସେଥିମଧ୍ୟରୁ କେତୋଟି ଘର ନିର୍ମାଣ ସରିବାକୁ ଥିବା ବେଳେ ବାକି ସବୁ ନିର୍ମାଣଧୀନ ଅବସ୍ଥାରେ ରହିଛି। ନିର୍ମାଣ କାମ ପାଇଁ ସେଠାରେ ବୋରିଂ ମଧ ଖୋଳାଯାଇଛି। ବେଆଇନ କାମ ଜାରି ରହିଥିବା ବେଳେ ପ୍ରତ୍ୟେକ ଦିନ ନୂଆ ନୂଆ ଘର ନିର୍ମାଣ ହେଉଛି। ଜଙ୍ଗଲ ଜମି ଜବରଦଖଲ ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ଦେଖାଦେଇଛି। ଜବରଦଖଲ ବିରୋଧରେ ଧୀରେ ଧୀରେ ଏକାଠି ହେଉଛନ୍ତି। ସେପଟେ ଏନେଇ ଭୁବନେଶ୍ୱର ତହସିଲଦାର ମାନସ ରଞ୍ଜନ ସ୍ୱାଇଁ କହିଛନ୍ତି, ଜମି ଜବରଦଖଲ ନେଇ ସ୍ଥାନୀୟ ରାଜସ୍ୱ ନୀରିକ୍ଷକ (ଆରଆଇ)ଙ୍କୁ ରିପୋର୍ଟ ମଗାଯାଇଛି । ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଦୁଇବର୍ଷରେ ୩ ହଜାର କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ

## ଓଡ଼ିଶା ପାଲଟୁଛି ନୀଳଜହରର ମଣ୍ଡି



**ଭୁବନେଶ୍ୱର, ୨୪।୧(ସମିସ):**

କ୍ଷେତରେ ଉଚ୍ଛୁଳୁଛି ନୀଳଜହର। ଧାନଚାଷ ଭଳି କ୍ଷେତରେ ଗଞ୍ଜେଇ ଅମଳ ହେଉଛି। ବସ୍ତାରେ ଭର୍ତ୍ତିହୋଇ ସିଧା ଘରର ଅମାରରେ ପହଞ୍ଚୁଛି। ମାଟି ତଳେ ଖଣି କରି ପୋତିଥିବା ଗଞ୍ଜେଇକୁ ଗଚ୍ଛିତ ରଖି ବିକ୍ରି କରୁଛି ଚାଷୀ। ରାଜ୍ୟରେ ବର୍ଷକୁ ବର୍ଷ ଗଞ୍ଜେଇ କାରବାର ଅହେତୁକ

- ୨୦୨୨ ତୁଳନାରେ ମିଳିଲା ୩୭% ଅଧିକ ଗଞ୍ଜେଇ
- ନିଶାଦ୍ରବ୍ୟ ଜବତରେ ଦେଶରେ ଓଡ଼ିଶା ଏକ ନମ୍ବର
- ହଟସ୍ପଟ୍ ପାଲଟିଛି ୫ ଜିଲ୍ଲା, ବୌଦ୍ଧରୁ ସର୍ବାଧିକ

ବୃଦ୍ଧି ହୋଇଛି। ଗଲା ଦୁଇବର୍ଷରେ ଓଡ଼ିଶାରୁ ୩ହଜାର କ୍ୱିଣ୍ଟାଲ ଗଞ୍ଜେଇ ଜବତ କରାଯାଇଛି। ଯାହା ୨୦୨୨ ତୁଳନାରେ ଗତବର୍ଷ ସାରା ରାଜ୍ୟରୁ ୩୭ ପ୍ରତିଶତ ଅଧିକ ଗଞ୍ଜେଇ ଜବତ ହୋଇଛି। ରାଜ୍ୟରୁ ନିଶାଦ୍ରବ୍ୟ ଜବତ କରିବାରେ ଦେଶରେ ଏକ ନମ୍ବର ସ୍ଥାନରେ ଓଡ଼ିଶା ପୁଲିସ ରହିଛି।

୨୦୨୩ରେ ସାରାରାଜ୍ୟରୁ ୧୮୫୦ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ ହୋଇଥିବା ବେଳେ ୨୦୨୨ରେ ୧୧୭୭ କ୍ୱିଣ୍ଟାଲ୍ ଗଞ୍ଜେଇ ମିଳିଥିଲା। ଏହି ଦୁଇବର୍ଷରେ ୩୦୨୭ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଛି। ଗତବର୍ଷ ଓଡ଼ିଶାରେ ଗଞ୍ଜେଇ କାରବାର ଜନିତ ୧୧୬୩ଟି ମାମଲା ରୁଜୁ ହୋଇଛି। ଏଥିରେ ସମ୍ପୃକ୍ତି ରହିଥିବା ୧୬୦୪ ମାଫିଆଙ୍କୁ ଗିରଫ କରାଯାଇଛି। ଅନୁରୂପ ଭାବେ ୨୦୨୨ରେ ସାରାରାଜ୍ୟରୁ ୧୧୭୭ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ କରିଯିବା ସହ ୧୭୬୩ ଜଣଙ୍କୁ ଗିରଫ କରାଯାଇଥିଲା। ଗଞ୍ଜେଇ କାରବାରରେ ଓଡ଼ିଶାର ୫ ଜିଲ୍ଲାରେ ହଟସ୍ପଟ୍ ପାଲଟିଛି। ପାହାଡ଼ିଆ ଅଞ୍ଚଳରେ ଏକର ଏକର ଜମିରେ ଗଞ୍ଜେଇ ଚାଷ କରାଯାଇ ଅମଳ କରାଯାଉଛି। ଗଞ୍ଜେଇ ଚାଷ କରାଯାଉଥିବା ୫ ଜିଲ୍ଲାରେ ଧରପଗଡ଼କୁ ତୀବ୍ରତର କରାଯାଉଛି। ତେଣୁ ବୌଦ୍ଧ ଜିଲ୍ଲାରୁ ସର୍ବାଧିକ ୪୩୫ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ କରାଯାଇଛି। ଏହାର ପଛକୁ ମାଲକାନାଗିରିରୁ ୩୫୫ କ୍ୱିଣ୍ଟାଲ୍, କନ୍ଧମାଳରୁ ୩୩୭ କ୍ୱିଣ୍ଟାଲ୍, ଗଜପତିରୁ ୨୩୪ କ୍ୱିଣ୍ଟାଲ୍ ଓ କୋରାପୁଟରୁ ୨୦୨ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ କରାଯାଇଛି।

ଗଞ୍ଜେଇ ଚାଷ ହେଉଥିବା ବୌଦ୍ଧ, କନ୍ଧମାଳ, ଗଜପତି, ଅନୁଗୋଳ, ନୂଆପଡ଼ା, ଗଞ୍ଜାମ, ରାୟଗଡ଼ା, ମାଲକାନାଗିରି, କଳାହାଣ୍ଡି ଭଳି ଜିଲ୍ଲାରୁ ଗଞ୍ଜେଇ ସଂଗ୍ରହ କରାଯାଉଛି। ପରେ ଚଣ୍ଡିଗଡ଼, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ବିଶାଖାପାଟଣା, ମହାରାଷ୍ଟ୍ର, ଦିଲ୍ଲୀ, ହରିଆଣା ଓ ଉତ୍ତରପ୍ରଦେଶ ଭଳି ରାଜ୍ୟକୁ ଚାଲାଣ କରାଯାଉଛି। ସୀମାନ୍ତ ଜିଲ୍ଲାଗୁଡ଼ିକରେ ଧରପଗଡ଼କୁ ଜୋର୍ଦାର କରାଯାଉଛି। ତେଣୁ ନୂଆକାର୍, ଟାଟାଏସିଇ, ଟ୍ରକ, କଣ୍ଟେନର୍, ପିତୁ ଓ ମୋରମ୍ ବୋଝେଇ ହାଇୱା ଭଳି ଗାଡ଼ିଗୁଡ଼ିକରେ ସିକ୍ରେଟ୍ ଚାମ୍ବର କରାଯାଉଛି। ସିକ୍ରେଟ୍ ଚାମ୍ବରରେ ଗଞ୍ଜେଇ ଭର୍ତ୍ତି କରି ଗନ୍ତବ୍ୟସ୍ଥଳକୁ ପଠାଯାଉଛି। ନଡ଼ିଆ କତା, ପେଟ୍ରୋଲ କିମ୍ବା ଡିଜେଲ୍ ଟ୍ୟାଙ୍କର, ପରିବା ଗାଡ଼ି, କଦଳୀ ବୋଝେଇ ଗାଡ଼ିରେ ଚାଲାଣ କରାଯାଉଛି। ଏନେଇ ଏସ୍ଟିଏଫ୍ ଏସ୍ପି କିଶୋର ପାଣିଗ୍ରାହୀ କହିଛନ୍ତି, ନିଶାଦ୍ରବ୍ୟ ରୋକିବା କ୍ଷେତ୍ରରେ ଓଡ଼ିଶା ପୁଲିସ କଡା ପଦକ୍ଷେପ ନେଉଛି। ଗଞ୍ଜେଇ ଚୋରା ଚାଲାଣ ରୋକିବାକୁ ବିଶେଷଭାବେ ପ୍ରାଧାନ ଦିଆଯାଉଛି। ବିଭିନ୍ନ ଜିଲ୍ଲା ପୁଲିସ ସହ ସମନ୍ୱୟ ରକ୍ଷା କରି ନିଶା ବିରୋଧୀ ଅଭିଯାନକୁ ଦି'ଗୁଣା କରାଯାଉଛି। ଗଞ୍ଜେଇ ଭଳି ବ୍ରାଉନ୍ସୁଗର କାରବାର ରୋକିବାକୁ ଟାସ୍କଫୋର୍ସ ଗୁରୁତ୍ୱ ଦେଇଛି। ଏହି ଧରପଗଡ଼ରେ ୭୦ କିଲୋରୁ ଅଧିକ ବ୍ରାଉନ୍ସୁଗର ଜବତ କରାଯାଇଛି ଓ ୫୨୧ଜଣ ନିଶା ବେପାରୀଙ୍କୁ ବି ଗିରଫ କରାଯାଉଛି। ଚଳିତବର୍ଷ ବି ନିଶା ବିରୋଧୀ ଅଭିଯାନକୁ ଆହୁରି ସୁଦୃଢ଼ କରାଯିବ। ନିଶାଦ୍ରବ୍ୟ ଜବତରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ପୁଲିସ ଢେର୍ ଆଗରେ ରହିଛି ବୋଲି ସେ ସୂଚନା ଦେଇଛନ୍ତି।

### ଓଡ଼ିଶାରୁ ଗଞ୍ଜେଇ ଜବତ ତଥ୍ୟ

| ମସିହା | ଗଞ୍ଜେଇ ଜବତ |
|---|---|
| ୨୦୧୯ | ୬୧୮ କ୍ୱିଣ୍ଟାଲ୍ |
| ୨୦୨୦ | ୧୩୭୪ କ୍ୱିଣ୍ଟାଲ୍ |
| ୨୦୨୧ | ୧୬୭୫ କ୍ୱିଣ୍ଟାଲ୍ |

# ଭୁବନେଶ୍ୱର ସିଟି













ପୁରୀ ଜିଲ୍ଲା ସତ୍ୟବାଦୀଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ ଉତ୍ସବ

### ବିନା କାରଣରେ ଆଣ୍ଟିବାୟୋଟିକ୍ ଲେଖିବା ମନା

## ମାର୍ଗଦର୍ଶିକା ଜାରି କଲା ସ୍ୱାସ୍ଥ୍ୟ ବିଭାଗ

**ଭୁବନେଶ୍ୱର, ୨୪।୧(ସମିସ):** ରୋଗୀଙ୍କୁ ଆଣ୍ଟି-ବାୟୋଟିକ୍ ଲେଖିବା ସମୟରେ କାରଣ ବା ଯଥାର୍ଥତା ଦର୍ଶାଇବାକୁ ଡାକ୍ତରମାନଙ୍କ ଉଦ୍ଦେଶ୍ୟରେ ମାର୍ଗଦର୍ଶିକା ଜାରି କରିଛନ୍ତି ରାଜ୍ୟ ସରକାର। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ ଅନୁଷ୍ଠାନର ମୁଖ୍ୟ ଓ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଚିଠି ଲେଖି ଏହି ନିର୍ଦ୍ଦେଶ ଦେଇଛନ୍ତି। ଆଣ୍ଟିବାୟୋଟିକ୍ ରେଜିଷ୍ଟେନ୍ସ (ଏଏମଆର) ଆଧୁନିକ ଔଷଧର ଅନେକ ଲାଭକୁ ବିପଦରେ ପକାଇଥାଏ ଏବଂ ପ୍ରତିରୋଧକ ଜୀବାଣୁଦ୍ୱାରା ହେଉଥିବା ସଂକ୍ରମଣର ପ୍ରଭାବଶାଳୀ ପ୍ରତିରୋଧ ଏବଂ ଚିକିତ୍ସା ପ୍ରତି ବିପଦ ସୃଷ୍ଟି କରିଥାଏ। ଯାହା ଫଳରେ ଦୀର୍ଘ ଦିନ ଧରି ଅସୁସ୍ଥତା ଏବଂ ମୃତ୍ୟୁର ଆଶଙ୍କା ଅଧିକ ଥାଏ। ଆଣ୍ଟି-ବାୟୋଟିକର ଅପବ୍ୟବହାର ଏବଂ ଅତ୍ୟଧିକ ବ୍ୟବହାର ଔଷଧ-ପ୍ରତିରୋଧୀ ଜୀବାଣୁ ସୃଷ୍ଟିର ଅନ୍ୟତମ ମୁଖ୍ୟ କାରକ ପାଲଟିଥାଏ। ମେଡିକାଲ କଲେଜ ଏବଂ ପେରିଫେରିଆଲ ସ୍ୱାସ୍ଥ୍ୟ ଅନୁଷ୍ଠାନର ଡାକ୍ତରମାନେ ପରବର୍ତ୍ତୀ ପିଢ଼ିର ଡାକ୍ତରମାନଙ୍କ ପାଇଁ ଆଣ୍ଟିବାୟୋଟିକର ସଠିକ ବ୍ୟବହାରର ଏକ ଉଦାହରଣ ସୃଷ୍ଟି କରିଛନ୍ତି, ଯେଉଁମାନେ ଅଧିକ ଗମ୍ଭୀର ରୂପରେ ଏହି ସଙ୍କଟର ସମ୍ମୁଖୀନ ହେବେ। ଫାର୍ମାସିଷ୍ଟମାନଙ୍କୁ ଔଷଧ ଏବଂ କସ୍ମେଟିକ୍ ନିୟମର ସିଡ୍ୟୁଲ୍ -୨ ଏବଂ ୩ କାର୍ଯ୍ୟକାରୀ କରିବା ଏବଂ କେବଳ ବୈଧ ପ୍ରେସ୍କ୍ରିପସନ୍‌ରେ ଆଣ୍ଟିବାୟୋଟିକ୍ ବିକ୍ରି କରିବାକୁ ମନେ ପକାଉଥିବା ବେଳେ ସମସ୍ତ ଡାକ୍ତରଙ୍କୁ ଆଣ୍ଟି-ମାଇକ୍ରୋବିୟଲ୍ ଲେଖିବା ସମୟରେ ସେମାନଙ୍କ ଡାକ୍ତରୀ ଚିଠାରେ ସଠିକ୍ ସଙ୍କେତ ଉଲ୍ଲେଖ କରିବା ଜରୁରୀ ବୋଲି ସ୍ୱାସ୍ଥ୍ୟ ସଚିବ କହିଛନ୍ତି। ଭାରତ ସରକାରଙ୍କ ଉପରୋକ୍ତ ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ପାଳନ କରିବା ଏବଂ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଆଣ୍ଟି-ବାୟୋଟିକ୍ ଲେଖିବା ସମୟରେ ସଠିକ ସଙ୍କେତ, କାରଣ ଓ ଯଥାର୍ଥତା ଉଲ୍ଲେଖ କରିବାକୁ ସେ ପରାମର୍ଶ ଦେଇଛନ୍ତି।

## ଫରୱାର୍ଡ ବ୍ଲକ ପକ୍ଷରୁ ମଶାଲ ଶୋଭାଯାତ୍ରା

**ଭୁବନେଶ୍ୱର, ୨୪।୧(ସମିସ):** ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଫରୱାର୍ଡ ବ୍ଲକ ଓ ଆଜାଦ୍ ହିନ୍ଦ୍ ବାହିନୀ ପକ୍ଷରୁ ସୋମବାର ସନ୍ଧ୍ୟାରେ ଏକ ମଶାଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ନେତାଜୀ ଜୟନ୍ତୀକୁ ଦେଶପ୍ରେମ ଦିବସ ଭାବରେ ପାଳନ କରିବା ଦାବିରେ ଏହି ମଶାଲ ଶୋଭାଯାତ୍ରା ଏ.ଜି ଛକରୁ ବାହାରି ରାଜମହଲ ଛକଦେଇ ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ମଙ୍ଗଳବାର ସକାଳେ ରସୁଲଗଡ଼ ଛକସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ୟୁନିଟ୍-୬ସ୍ଥିତ ନେତାଜୀ ଭବନ ପରିସରରେ ଦେଶପ୍ରେମ ଦିବସ ଏବଂ ନେତାଜୀ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଫରୱାର୍ଡ ବ୍ଲକର ରାଜ୍ୟ ଉପସଭାପତି ସର୍ବେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଅତିଥି ଭାବେ ଫରୱାର୍ଡ ବ୍ଲକର ପୂର୍ବତନ ସର୍ବଭାରତୀୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ସାଂସଦ ଦେବବ୍ରତ ବିଶ୍ୱାସ, ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ଯୋଗ ଦେଇଥିଲେ।

### ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

## 'ବକ୍ସିଙ୍କ କାହାଣୀ ସମଗ୍ର ଦେଶବାସୀଙ୍କ ପାଇଁ ପ୍ରେରଣା'

**ଭୁବନେଶ୍ୱର, ୨୪।୧(ସମିସ):** ବକ୍ସି ଜଗବନ୍ଧୁଙ୍କ ଆତ୍ମୋତ୍ସର୍ଗ କାହାଣୀ କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତ ଭୂ-ଖଣ୍ଡ ପାଇଁ ଅସରନ୍ତି ପ୍ରେରଣାର ଉତ୍ସ। ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଅତିଥିମାନେ ଆଜି ଏହା କହିଛନ୍ତି।



କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ବିକାଶ ନିଗମର ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର, ଅନ୍ୟତମ ଅତିଥି ପରିବେଶବିତ୍ ଦିଲ୍ଲୀପ ଶ୍ରୀଚନ୍ଦନ, ମୁଖ୍ୟବକ୍ତା ବିଶିଷ୍ଟ ଐତିହାସିକ ତଥା ଶିକ୍ଷାବିତ୍ ପ୍ରଫେସର୍ ନିହାର ରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ବିଭାଗୀୟ ନିର୍ଦ୍ଦେଶକ ବୈଷୟିକ ସୁରେନ୍ଦ୍ର ନାଥ ପରିଡ଼ା ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ। ସୂଚନା ଅଧିକାରୀ ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସ୍ୱରସୁଧା ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରିଥିଲେ। ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ ଦାସଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ଭଗବାନପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ଭୁବନେଶ୍ୱର, ୨୪।୧(ସମିସ):** ଭଗବାନପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ, ସମ୍ମାନିତ ଅତିଥି ଆଲୁମ୍‌ନି କମିଟିର ବରିଷ୍ଠ ସଭ୍ୟ ରବୀନ୍ଦ୍ର ନାଥ ସାହୁ, ମୁଖ୍ୟବକ୍ତା ସମାଜସେବୀ ତନୁଜା କାନୁନଗୋ ଓ ବିଦ୍ୟାଳୟର ପ୍ରତିଷ୍ଠାତା ଟଙ୍କଧର ଚମ୍ପତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ମନୀଷା ଭୋଇ, ସଭ୍ୟ ହେମନ୍ତ କୁମାର ଖୁଣ୍ଟିଆ, ଅଲୁମନି କମିଟିର ସଦସ୍ୟ ଅଭିମନ୍ୟୁ ଚମ୍ପତି ବ୍ୟତୀତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ଅରକ୍ଷିତ ପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।



## ଏକାମ୍ର କଲେଜରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା

**ଭୁବନେଶ୍ୱର, ୨୪।୧(ସମିସ):** ଏକାମ୍ର ମହାବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଓ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ଉଭୟ +୨ ଓ +୩ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ କବି ଡ. ପ୍ରସନ୍ନ କୁମାର ପାଟଶାଣୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶେଷ ଦିନର ଏହି ଉଦ୍‌ଯାପନୀ ଉତ୍ସବରେ ନାଇଜର୍‌ର କୁଳସଚିବ ଡ. ଶରତ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ସୁନୀତା ପାଢ଼ୀ, ପ୍ରଶାନ୍ତ ଛୋଟରାୟ, ଦେବବ୍ରତ ମହାନ୍ତି, ଦେବେନ୍ଦ୍ର ବିଶ୍ୱାଳ ଓ ଅନ୍ୟ କର୍ମଚାରୀଙ୍କ ସହ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ +୨ ନୋଡାଲ ଅଫିସର ଡ. ପ୍ରଶାନ୍ତ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



## ଜାତୀୟ ଉଠାଦୋକାନୀ ସମ୍ମିଳନୀରେ ଓଡ଼ିଶାରୁ ୫୦



**ଭୁବନେଶ୍ୱର, ୨୪।୧(ସମିସ):** ଚଳିତମାସ ୧୯ ତାରିଖରୁ କୋଲକାତାରେ ଚାଲିଥିବା ଜାତୀୟ ଉଠାଦୋକାନୀ ସମ୍ମିଳନୀରେ ଓଡ଼ିଶାରୁ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ସଭାପତି ପ୍ରତାପ ସାହୁଙ୍କ ସମେତ କଟକ, ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର ଓ ବାଲେଶ୍ୱରରୁ ପାଖାପାଖି ୫୦ଜଣ ଉଠାଦୋକାନୀ ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି। ଭାରତରେ ଚାଲିଥିବା ଉଠାଦୋକାନ ଉଚ୍ଛେଦ, ଉଠାଦୋକାନୀ ଆଇନ ମାନୁ ନ ଥିବା ରାଜ୍ୟଗୁଡ଼ିକ, ଟାଉନ ଭେଣ୍ଡିଂ କମିଟିରେ ହୋଇଥିବା ତଞ୍ଚକତା, ମହିଳା ଉଠାଦୋକାନୀମାନଙ୍କୁ ନ୍ୟାୟ ପ୍ରଦାନ, ରାସ୍ତାକଡ଼ରେ ଶୌଚାଳୟ ଓ ପାଣିର ବ୍ୟବସ୍ଥା, ଉଠାଦୋକାନୀମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା, ଉଠାଦୋକାନୀ ପିଲାମାନଙ୍କ ପାଇଁ ପରିବାର ସ୍ୱାସ୍ଥ୍ୟ ବୀମା, ଆଣ୍ଟି ଏଭିକ୍‌ସନ, ଭେଣ୍ଡିଂଜୋନ ପ୍ରଦାନ, ସମ୍ବିଧାନର ଧାରା ୧୯ (୧)(ଛ)କୁ କାର୍ଯ୍ୟକାରୀ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ଆଲୋଚନା କରାଯିବା ସହ ଦେଶରେ ଦେଖା ଦେଇଥିବା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସମସ୍ୟା, ପରିବେଶ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ସର୍ବଭାରତୀୟ ଉଠାଦୋକାନୀ ମହାସଂଘର ସାଧାରଣ ସମ୍ପାଦକ ଶକ୍ତିମାନ ଘୋଷଙ୍କ ନେତୃତ୍ୱରେ ପରିଚାଳିତ ଏହି ସମ୍ମିଳନୀରେ ସାରା ଦେଶରୁ ୨ ହଜାର ଉଠାଦୋକାନୀ ପ୍ରତିନିଧି ଯୋଗ ଦେଇଥିଲେ। ଓଡ଼ିଶାରୁ ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ, ଶୁଭଲକ୍ଷ୍ମୀ ମହାନ୍ତି, ଲଲାଟ କୁମାର ଓଝା, ସସ୍ମିତା ସାହୁ, ମଧୁସ୍ମିତା ରାଉତ, ନାଗେଶ୍ୱର ନାୟକ, ସ୍ୱର୍ଣ୍ଣମୟି ରାଉତ, ସବନମ୍ ବିବି, ସଲମା ବେଗମ, ପ୍ରଭାତୀ ସେଠୀ, ଦର୍ପଣି ସାହୁ, ଡମ୍ବରୁ ପଣ୍ଡା ଓ ଲୋକନାଥ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଅଷ୍ଟମ ଶତାବ୍ଦୀର ବୌଦ୍ଧ ପ୍ରଚାରକ ଥିଲେ ପଦ୍ମସମ୍ଭବ

**ଭୁବନେଶ୍ୱର, ୨୪।୧(ସମିସ):** ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆ, ଓଡ଼ିଶା ଶାଖା ପକ୍ଷରୁ ବୁଦ୍ଧ ମନ୍ଦିର ସଭା ଗୃହରେ ବିଶ୍ୱରେ ଦ୍ୱିତୀୟ ବୁଦ୍ଧ ଭାବେ ପରିଚିତ ଗୁରୁ ପଦ୍ମସମ୍ଭବଙ୍କ ଉପରେ ପ୍ରଥମ ସ୍ୱୟଂସମ୍ପୂର୍ଣ୍ଣ ଜୀବନୀ ପୁସ୍ତକ ଲୋକାର୍ପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଦୈନିକ 'ସକାଳ' ର ସମ୍ପାଦକ ଡ. ଉମାକାନ୍ତ ମିଶ୍ର ପୁସ୍ତକର ତଥ୍ୟ ସମ୍ବଳିତ ବିଷୟବସ୍ତୁର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଗୁରୁ ପଦ୍ମସମ୍ଭବ ବିଶ୍ୱର ଲୋକପ୍ରିୟ ବୌଦ୍ଧ ଧର୍ମଗୁରୁ ଦଲାଇ ଲାମାଙ୍କ ଆଦିଗୁରୁ

### ଦ୍ୱିତୀୟ ବୁଦ୍ଧ ଗୁରୁ ପଦ୍ମସମ୍ଭବଙ୍କ ସମ୍ପର୍କିତ ପ୍ରଥମ ଜୀବନୀ ପୁସ୍ତକ ଲୋକାର୍ପିତ

ତଥା ବିଶ୍ୱରେ ଲାମା ସମ୍ପ୍ରଦାୟର ପ୍ରବର୍ତ୍ତକ ବୋଲି ଅଭିହିତ କରିଥିଲେ। ଏହାସହ ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଥିଲେ ଯେ, ସମଗ୍ର ହିମାଳୟ ପାଦଦେଶରେ ଅବସ୍ଥିତ ତିବ୍ବତ, ଭୁଟାନ, ସିକିମ ଠାରୁ ଦାର୍ଜିଲିଂ ପର୍ଯ୍ୟନ୍ତ ଗୁରୁ ପଦ୍ମସମ୍ଭବ ଅଷ୍ଟମ ଶତାବ୍ଦୀରେ ବୌଦ୍ଧ ଧର୍ମର ପ୍ରସାର କରାଇଥିଲେ। ସେଥିପାଇଁ ତାଙ୍କୁ ଦ୍ୱିତୀୟ ବୁଦ୍ଧ ମାନ୍ୟତା ଦିଆଯାଇଛି। ବିଶିଷ୍ଟ ଗବେଷକ ତଥା ପୁସ୍ତକର ଲେଖକ ପ୍ରବୀର କୁମାର



ପଟ୍ଟନାୟକ ଗୁରୁ ପଦ୍ମସମ୍ଭବଙ୍କ ଜନ୍ମସ୍ଥାନ ଓଡ଼ିଶା ବୋଲି ପ୍ରାମାଣିକ ତଥ୍ୟ ଆଧାର ସହ ବଳିଷ୍ଠ ଯୁକ୍ତି ଉପସ୍ଥାପନା କରିଥିବାବେଳେ ପୌରୁଷ ପତ୍ରିକା ସମ୍ପାଦକ ତଥା ବିଶିଷ୍ଟ ସାହିତ୍ୟିକ, ଗବେଷକ ଡ. ଅସିତ ମହାନ୍ତି ପୁସ୍ତକର ସମୀକ୍ଷା କରି ଶ୍ରୀ ପଟ୍ଟନାୟକଙ୍କ ତଥ୍ୟପ୍ରମାଣ ଗୁରୁ ପଦ୍ମସମ୍ଭବଙ୍କ ଜନ୍ମସ୍ଥାନ ଓଡ଼ିଶାରେ ହୋଇଥିବା ପ୍ରତିପାଦିତ କରିଛି ବୋଲି ଦର୍ଶାଇଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ମହାବୋଧି ସୋସାଇଟି ଓଡ଼ିଶା ଶାଖା ସଭାପତି ନରେନ୍ଦ୍ର କୁମାର ମିଶ୍ର ସଭାପତିତ୍ୱ କରି ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ପାଇଁ ଆଚାର୍ଯ୍ୟ ପଦ୍ମ ସମ୍ଭବଙ୍କ ଅବଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବାର ଆଶ୍ୟକତା ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମହାବୋଧି ସୋସାଇଟିର ଟ୍ରଷ୍ଟି ଡ. ସୌରେନ୍ଦ୍ର କୁମାର ମହାପାତ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିର୍ବାହୀ ସଭ୍ୟ ଡ. କରୁଣାକର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏଥିରେ ଓଡ଼ିଶାର ବହୁ ବୁଦ୍ଧିଜୀବୀ, ଗବେଷକ, ସାହିତ୍ୟିକ ଓ ଲେଖକ ଯୋଗ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱର ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ ତଥା ନୟାଗଡ଼ର ଚାରୋଟି ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ଲେଖକ ପ୍ରବୀର କୁମାର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।





## ଦୋକାନରେ ବିକ୍ରି ହେଉଛି ତ୍ରିରଙ୍ଗା ଶାଢ଼ି

# ତ୍ରିରଙ୍ଗାରେ ସଜେଇ ହେଲାଣି ରାସ୍ତାଘାଟ

**ଭୁବନେଶ୍ୱର, ୨୪।୧(ସମିସ):**

ଦିନକ ପରେ ଜାନୁଆରୀ ୨୬। ଯାହାର ଆଭାସ ଏବେ ଦେଖିବାକୁ ମିଳିଲାଣି ରାଜଧାନୀ ରାସ୍ତାକଡ଼ରେ। ଚଳଚଞ୍ଚଳ ହୋଇ ଉଠିଲାଣି ଦୋକାନ ବଜାର। କେବଳ ରାସ୍ତାକଡ଼ ନୁହେଁ, ବିଭିନ୍ନ ଛକ ଜାଗାମାନଙ୍କରେ ବି ତ୍ରିରଙ୍ଗା ପତାକାଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀର ପସରା ମେଲିଲାଣି। ସିଆର୍‌ପି ଛକ, ରାମମନ୍ଦିର ଛକ, ବାଣୀବିହାର, ୧ନମ୍ବର ମାର୍କେଟ, କଳ୍ପନା ଛକ, ଖଣ୍ଡଗିରି ଆଦି ସ୍ଥାନରେ ତ୍ରିରଙ୍ଗାର ବିଭିନ୍ନ ପୋଷାକ, ବେଲୁନ, ଷ୍ଟିକର୍, ବ୍ୟାଚ୍, ପିଲାଙ୍କ କ୍ଲିପ୍, ଚୁଡ଼ି, ଫୁଲ, ଘରେ ସଜେଇବାକୁ ତିନି ରଙ୍ଗର ଫୁଲ ହାର, ଝୁମର ଆଦି ଲୋକଙ୍କୁ ବେଶ ଆକର୍ଷିତ କରୁଛି। ଏହି ସବୁ ପତାକା ଓ ବ୍ୟାଚ ଆଦି ୧୦ ଟଙ୍କାରୁ ଆରମ୍ଭ ହୋଇ ହଜାର ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ମିଳୁଛି। ନିଜ ନିଜ ଗାଡ଼ିରେ ପତାକା ଲଗାଇବାକୁ ଦୋକାନ ଆଗରେ ଗାଡ଼ି ରଖି ଲୋକେ କିଛି ସମୟ ଅଟକି ଯାଉଛନ୍ତି। ବେଶ୍ ଉତ୍ସାହର ସହ ଛୋଟ ଛୋଟ ପିଲା ଏହି ଦିନକୁ ଚାହିଁ ବସନ୍ତି। ସ୍କୁଲରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମିଠା ଓ ଚକୋଲେଟ୍ ଖାଇବାକୁ ମିଳେ ବୋଲି ଏହି ଦିନ ପାଇଁ ସେମାନେ ବିଶେଷ ଆଗ୍ରହୀ ହୋଇଥାନ୍ତି। ଏଥିସହ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ହୋଇଥାଏ। ମହିଳାମାନେ ମଧ୍ୟ ନିଜ ନିଜ କର୍ମକ୍ଷେତ୍ରକୁ ତ୍ରିରଙ୍ଗା ରଙ୍ଗର ଶାଢ଼ୀ ପିନ୍ଧି ଯିବା ଏବେ ଟ୍ରେଣ୍ଡ ହେଲାଣି। ବିଶେଷକରି ରାଜଧାନୀରେ ଏହି ଟ୍ରେଣ୍ଡ ଅଧିକ ବୋଲି ଦେଖିବାକୁ ମିଳୁଛି। କେତେକ ଶାଢ଼ି ଦୋକାନୀଙ୍କ କହିବା ଅନୁଯାୟୀ ଏହି ସମୟରେ ତ୍ରିରଙ୍ଗା ଶାଢ଼ିର ଚାହିଦାକୁ ଦେଖି ଦୋକାନରେ ଅଧିକ ଷ୍ଟକ ରଖିବାକୁ ପଡ଼େ। ତା'ର ଦାମ ଅଧିକ ହେଲେ ବି ଲୋକ କିଣିବାକୁ ପଛାଉନାହାନ୍ତି। ଅଫିସ୍‌ଠାରୁ ଆରମ୍ଭକରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏହି ଦିନକୁ ଏକ ପର୍ବ ରୂପେ ପାଳନ କରୁଥିବାରୁ ତ୍ରିରଙ୍ଗା ସହିତ ଏହି ରଙ୍ଗର ସମସ୍ତ ସାଜସଜ୍ଜା ଉପକରଣ ବେଶ ଲୋକାଦୃତ ହେଉଛି। ଏ ନେଇ ରାସ୍ତା କଡ଼ରେ ନିଜ ବେପାର ଜମେଇଥିବା ଆଲୋକ କୁହନ୍ତି ଲୋକ ଆଜିକାଲି ନିଜ ଘରଠୁ ଗାଡ଼ି ସବୁଠି ଏହି ଦିନରେ ତ୍ରିରଙ୍ଗାପରି ସଜେଇବାକୁ ପସନ୍ଦ କରିଥାନ୍ତି। ବର୍ତ୍ତମାନ ଏହିସବୁ ସାଜସଜ୍ଜା ଉପକରଣ ସହିତ ପତାକା ଆଦିକୁ ଲୋକ ବେଶୀ କିଣୁଛନ୍ତି।



### ସାଧାରଣତନ୍ତ୍ର ଦିବସ; କାହା ପାଇଁ କେମିତି

▶ ମୋ ପାଇଁ ଜାନୁଆରୀ ୨୬ ହେଉଛି ମୋ କାମ ବା ଭଲ ବେପାର। ଲୋକଙ୍କ ଠୁ ଆରମ୍ଭ କରି କୁନି କୁନି ପିଲା ଯେତେବେଳେ ଉତ୍ସାହର ସହ ମୋ ପାଖକୁ ପତାକା କିଣିବାକୁ ହାତ ବଢ଼ାଇ ଦିଅନ୍ତି ସେଇଟା ହିଁ ମୋ ପାଇଁ ପ୍ରକୃତ ସାଧାରଣତନ୍ତ୍ର ଦିବସ ପାଳନ କରିବା।

**ଲକ୍ଷ୍ମୀ ସାହୁ,**
**ବ୍ୟବସାୟୀ, ଏକନମ୍ବର ହାଟ**

▶ ମୁଁ ପିଲାବେଳେ ହିଁ ପ୍ରକୃତରେ ଜାନୁଆରୀ ୨୬ ବା ସାଧାରଣତନ୍ତ୍ର ଦିବସ ପାଳନ କରୁଥିଲି। ସମସ୍ତେ ଜାଣନ୍ତି ତା'ର ମହତ୍ୱ, ହେଲେ ସ୍କୁଲ ପଢ଼ିଲାବେଳେ ହିଁ ସେସବୁ ଆନନ୍ଦ ଓ ଉତ୍ସାହ ସହ ପାଳନ କରିବାର ସୁଯୋଗ ମିଳୁଥିଲା। କଲେଜରେ ପଢ଼ିଲାପରେ ପିଲାଦିନର ଖୁସି କମିଗଲାଣି। ଏବେ ଖାଲି ଟିଭି ଓ ଫୋନ୍‌ରେ ଦେଖି ଜାନୁଆରୀ ୨୬ ପାଳନ କରିବାକୁ ପଡୁଛି।

**ଦୀପ୍ତିମୟୀ ବେହେରା,**
**ହିନ୍ଦୀ ବିଭାଗ ଛାତ୍ରୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ**

▶ ମୋ ପାଇଁ ସାଧାରଣତନ୍ତ୍ର ଦିବସ ହେଲା ତ୍ରିରଙ୍ଗା ପତାକା ନେଇ ସ୍କୁଲ ଯିବା। ଜନଗଣ ମନ ଗୀତ ଗାଇବା ଓ ନାଚଗୀତ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମିଠା ଓ ଚକୋଲେଟ୍ ଖାଇ ପାଳନ କରିବା।

**ପ୍ରଞ୍ଜଲ ବାରିକ୍, କ୍ଲାସ-୨, କେନ୍ଦ୍ରୀୟ ବିଦ୍ୟାଳୟ**

## ଖଣ୍ଡଗିରି ଯୋଗ ଜିଲ୍ଲାର ବସନ୍ତ ଉତ୍ସବ

**ଭୁବନେଶ୍ୱର, ୨୪।୧(ସମିସ):** ଭାରତୀୟ ଯୋଗ ସଂସ୍ଥାନ, ଓଡ଼ିଶା ଓ ଖଣ୍ଡଗିରି ଯୋଗ ଜିଲ୍ଲାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଦୁର୍ଗାମାଧବ ନଗରର କନକ ରିସର୍ଟଠାରେ ବସନ୍ତ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ପ୍ରାୟ ୨ଶହ ସାଧକ ସାଧିକା, ଅଧିକାରୀଙ୍କ ସହ ସ୍ଥାନୀୟ ବାସିନ୍ଦା ଏଥିରେ ସାମିଲ ହୋଇଥିଲେ। ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରମାୟା ରେଡ୍ଡି ଜୀ, ପ୍ରାନ୍ତ ଅଧିକାରୀ ମଞ୍ଜୁଳା ମିଶ୍ର ଜୀ, ଜିଲ୍ଲା ପ୍ରଧାନ ପରମାନନ୍ଦ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## କୋଶଳେଶ୍ୱର ମନ୍ଦିରର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ୨୪।୧(ସମିସ):** କଳିଙ୍ଗନଗରଠାରେ ବାବା କୋଶଳେଶ୍ୱର ମନ୍ଦିରର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମନ୍ଦିର କମିଟିର ସଭାପତି ପ୍ରଫେସର କିଶୋର ଚନ୍ଦ୍ର ସ୍ୱାଇଁ କର୍ତ୍ତାଭାବେ ପୂଜାରେ ରହିଥିଲେ। ଏଥିରେ ସ୍ଥାନୀୟ କର୍ପୋରେଟର କିରଣବାଳା ମାଝୀ ଯୋଗଦେଇ ଶ୍ରଦ୍ଧାଳୁମାନଙ୍କୁ ଉତ୍ସାହିତ କରିଥିଲେ। ମନ୍ଦିର କମିଟିର ସମସ୍ତ ସଦସ୍ୟା ତଥା କମିଟିର ଉପସଭାପତି ବିରଞ୍ଚି ନାରାୟଣ, ପ୍ରହ୍ଲାଦ ପଣ୍ଡା ଏବଂ ଆବାସିକ ଉନ୍ନୟନ ପରିଷଦର ସଭାପତି ସରୋଜ କୁମାର ମହାନ୍ତି, ସମ୍ପାଦିକା ମମତା ଲେଙ୍କା ପ୍ରମୁଖ ଏହି କାର୍ଯ୍ୟକ୍ରମ ପାଇଁ ସହଯୋଗ କରିଥିଲେ।

## ରାଜସ୍ୱ ନିରୀକ୍ଷକଙ୍କ ଆନ୍ଦୋଳନ ଚେତାବନୀ

**ବାଲିଅନ୍ତା, ୨୪।୧(ସମିସ):** ବାଲିଅନ୍ତା ବ୍ଲକ ବ୍ରାହ୍ମଣଷଡ଼ଙ୍ଗୀ ରାଜସ୍ୱ ନିରୀକ୍ଷକ ତଥା ଜିଲ୍ଲା ସଭାପତି ଦୁଃଖୀଶ୍ୟାମ ସ୍ୱାଇଁ ଓ ସମ୍ପାଦକ ଆଲୋକ କୁମାର ଜେନାଙ୍କ ନେତୃତ୍ୱରେ ବିଭିନ୍ନ ଦାବିନେଇ ବାଲିଅନ୍ତାର ୮ ରାଜସ୍ୱ ନିରୀକ୍ଷକ ଖୋର୍ଦ୍ଧା ଜିଲ୍ଲାପାଳ ଓ ବାଲିଅନ୍ତା ତହସିଲଦାର ବିମଳ କୁମାର ଲେଙ୍କାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ୨୫ ତାରିଖ ଠାରୁ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିବା ସହ ଦାବି ପୂରଣ ନ ହେଲେ ୧୦ଦିନ ପରେ କଲମ ଛାଡ଼ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ କ୍ୟାଡର୍ ପୁନଃନିର୍ଦ୍ଧାରଣ, ନୂତନ ରାଜସ୍ୱ ମଣ୍ଡଳ ଗଠନ, ଯୋଗ୍ୟତା ଭିତ୍ତିରେ ଗ୍ରେଡେସନ୍, ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କ ଗ୍ରେଡ୍ ପେ' ବୃଦ୍ଧି, ରାଜସ୍ୱ ମଣ୍ଡଳରେ କର୍ମଚାରୀ ନିଯୁକ୍ତ, ରାଜସ୍ୱ ବିଭାଗରୁ କୃଷିକ୍ଷେତ୍ର ସମ୍ବନ୍ଧୀୟ କାର୍ଯ୍ୟ ବର୍ଜନ ଆଦି ଦାବି ରହିଛି।



## ରାଜା ମଧୁସୂଦନ ଦେବ କଲେଜରେ 'ଯୁବ ଓଡ଼ିଶା-ନବୀନ ଓଡ଼ିଶା'



**ଭୁବନେଶ୍ୱର, ୨୪।୧(ସମିସ):** ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜରେ ଚାଲିଥିବା ଯୁବ ଓଡ଼ିଶା-ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବୁଧବାର 'ବିଶ୍ୱ ଓଡ଼ିଆ ଶାସ୍ତ୍ରୀୟ ଭାଷା ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ଚେତନା' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ୮ ଦିନ ବ୍ୟାପି ଚାଲିଥିବା ଏହି ଉତ୍ସବର ପ୍ରାରମ୍ଭରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପିଲାମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷିତ ହୋଇଥିଲା। ଏଥିରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଅଜୟ କୁମାର ରାଉତ ଜଗନ୍ନାଥଙ୍କୁ ନେଇ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ। ଛାତ୍ରଛାତ୍ରୀ ନିଜର ଐତିହ୍ୟ ଓ ନିଜର ଧର୍ମ ବିଶ୍ୱାସକୁ ପୁଞ୍ଜି କରି ଆଗକୁ ବଢ଼ିବାର ମାର୍ଗ ଦେଖାଇଥିଲେ। ଭାଷା ଗବେଷକ ଡ. ପ୍ରବୀଣ କୁମାର ମିଶ୍ର ସାହିତ୍ୟ ଓ ଭାଷାକୁ ନେଇ ଏକ ସୁସଂଗଠିତ ମାର୍ଗ ତିଆରି କରିବା ପାଇଁ ପରାମର୍ଶ ଦେଇଥିଲେ। ବିଧାୟକ ସୁଶାନ୍ତ କୁମାର ରାଉତ ସରକାରଙ୍କର ମହତ୍ ଉଦ୍ଦେଶ୍ୟ ସହିତ ସାହିତ୍ୟ ପ୍ରତିଯୋଗିତା ମାଧ୍ୟମରେ ପିଲାମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ସରକାର ପ୍ରୟାସ କରୁଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଷାବିତ୍ ଡ. ସୁବ୍ରତ କୁମାର ପୃଷ୍ଟି, କଲେଜର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ରାଉତ ଉପସ୍ଥିତ ଥିବାବେଳେ ଓଡ଼ିଆ ବିଭାଗର ମୁଖ୍ୟ ଓ ନୋଡାଲ ଅଫିସର ଡ. ରମେଶ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ। ଶେଷରେ ଇତିହାସ ବିଭାଗର ଅଧ୍ୟାପିକା ସସ୍ମିତା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## 'ବିଜେବି'ରେ ଟ୍ରାଏଲ୍ ଆଡ୍‌ଭୋକେସି କର୍ମଶାଳା ଉଦ୍‌ଯାପିତ




**ଭୁବନେଶ୍ୱର, ୨୪।୧(ସମିସ):** ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟ ଆଇନ୍ ବିଭାଗ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ଜାତୀୟ ଛାୟା କୋର୍ଟ ଏବଂ ଟ୍ରାଏଲ୍ ଆଡଭୋକେସି କର୍ମଶାଳା ବୁଧବାର ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ନବ ନିର୍ମିତ ପାଠାଗାର, ଇ-ପାଠାଗାରକୁ ଉଦଘାଟନ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ପୁଲିସ କମିସନର୍ ସୌମେନ୍ଦ୍ର ପ୍ରିୟଦର୍ଶୀ, କଟକ ଗ୍ରାହକ ଓକିଲ ସଂଘ ଉପାଧ୍ୟକ୍ଷ ଶୈଳେନ୍ଦ୍ର ଶାସ୍ତ୍ରୀ ଓ ରାଜ୍ୟ ଓକିଲ ସଂଘ ସଭାପତି ଶିତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଇତିଶ୍ରୀ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଭାଗୀୟ ମୁଖ୍ୟ କୀର୍ତ୍ତି ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ବେଜଙ୍କ ସମେତ ବିଭାଗର ସମସ୍ତ ଅଧ୍ୟାପକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେମିନାର ସମ୍ପାଦକ ସୁଶ୍ରୀ ମଧୁମିତା ଚାନ୍ଦ ଓ ସୁଶ୍ରୀ ଆକାଂକ୍ଷା ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଭାଗୀୟ ପ୍ରଶାସକ ପରିଚାଳକ ସୋମ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସରେ ରାଜ୍ୟ ପାଇକ ଆଖଡ଼ା ମହାସଂଘର ଆନ୍ଦୋଳନ

## ପାଇକ ରେଜିମେଣ୍ଟ ଗଠନ ଓ ଖୋର୍ଦ୍ଧାଗଡ଼ର ବିକାଶ ଦାବି

**ଭୁବନେଶ୍ୱର, ୨୪।୧(ସମିସ):** ରାଜ୍ୟ ପାଇକ ଆଖଡ଼ା ମହାସଂଘ ପକ୍ଷରୁ ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ କଳ୍ପନା ଛକରେ ଥିବା ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ସ୍ଥାନରୁ ଶହ ଶହ ପାଇକ ବାହିନୀ ଆସି ସମର ପାଇକ ଆଖଡ଼ା, ସମର କଳା ପ୍ରଦର୍ଶନ କରିଥିଲେ। ରଣହୁଙ୍କାର ଦେଇ ବକ୍ସିଙ୍କ ପ୍ରତିମୂର୍ତ୍ତି ନିକଟରୁ ସହର ଅଭିମୁଖେ ଏକ ଶୋଭାଯାତ୍ରାରେ ବାହାରି ପାଇକ ରେଜିମେଣ୍ଟ ଗଠନ ଓ ଖୋର୍ଦ୍ଧାଗଡ଼ର ବିକାଶ ଦାବି କରିଥିଲେ। ପଞ୍ଜାବ, ବିହାର, ଆସାମ, ଶିଖ୍ ରେଜିମେଣ୍ଟ ଆଦି ଥିବାବେଳେ କଳିଙ୍ଗ ଯୁଦ୍ଧ ଠାରୁ ପାଇକ ସଂଗ୍ରାମ ପର୍ଯ୍ୟନ୍ତ ଦେଶ ମାତୃକାର ସେବା ପାଇଁ ସଂଗ୍ରାମ କରିଥିବା ଓଡ଼ିଆ ବୀର ପାଇକମାନଙ୍କର ପାଇକ ରେଜିମେଣ୍ଟ ନାହିଁ। ତେଣୁ ଯଦି ଏକମାସ ମଧ୍ୟରେ ପାଇକ ରେଜିମେଣ୍ଟ ଗଠନ ଓ ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର କରା ନ ଯାଏ, ତେବେ ସମଗ୍ର ଓଡ଼ିଶାରୁ ହଜାର ହଜାର ପାଇକ ଭୁବନେଶ୍ୱରରେ ବିପ୍ଳବ ପ୍ରଦର୍ଶନ କରିବା ସହିତ ଦେଶର ରାଜଧାନୀ ଦିଲ୍ଲୀରେ ମଧ୍ୟ ବିପ୍ଳବ ପ୍ରଦର୍ଶନ କରିବେ ବୋଲି ରାଜ୍ୟ ପାଇକ ଆଖଡ଼ା ମହାସଂଘର ସାଧାରଣ ସମ୍ପାଦକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ଚେତାବନୀ ଦେଇଛନ୍ତି। ରାଜ୍ୟ ପାଇକ ଆଖଡ଼ା ମହାସଂଘର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ପାଇକ ଗୁରୁ ଗଣେଶ ସାମନ୍ତ, ପାଇକ ସଂଗଠକ ଅଜୟ ଗୁମାନ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ପାଇକ ଆଖଡ଼ା



**ଭୁବନେଶ୍ୱର, ୨୪।୧(ସମିସ):** ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ରାଜ୍ୟ ସଂଯୋଜକ କେଦାର ଦାସଙ୍କ ସଂଯୋଜନାରେ ବକ୍ସି ଜଗବନ୍ଧୁ ରାଜ୍ୟସ୍ତରୀୟ ସହିଦ ଦିବସ ପାଳିତ ହୋଇଯାଇଛି। ଏଥିରେ ମହାସଂଘ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହଙ୍କ ସମେତ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇ ବକ୍ସିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ପାଇକଗୁରୁ ତଥା ଖୋର୍ଦ୍ଧା ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟଶାଣୀଙ୍କ ପାଇକ ଆଖଡ଼ା ପରିବେଷଣ କରାଯାଇଥିଲା। ଏଥିରେ ଉପସଭାପତି ଭୀମସେନ ପାଇକରାୟ, ରାଜ୍ୟ ଉପଦେଷ୍ଟା ଭୀମସେନ ବିଶ୍ୱାଳ, ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖଙ୍କ ସମେତ ସମସ୍ତ ଜିଲ୍ଲାର ପାଇକ ମହାସଂଘ ପାଇକ ସର୍ଦ୍ଦାରମାନେ ଯୋଗ ଦେଇଥିଲେ।

# ଶୌଚାଳୟ ପାଲଟିଛି ବିହାରୀ ବେପାରୀଙ୍କ ଗୋଦାମ

**ଭୁବନେଶ୍ୱର, ୨୪।୧(ସମିସ):**

ଗତ ଦୁଇବର୍ଷ ହେଲା ୟୁନିଟ୍-୨ ମାର୍କେଟ ପରିସରସ୍ଥିତ ଇଷ୍ଟର୍ଣ୍ଣ ଟାୱାର ମାର୍କେଟରେ ଥିବା ଶୌଚାଳୟରେ ଆସୁନି ପାଣି। ଫଳରେ ଶୌଚାଳୟକୁ ନିର୍ଭର କରୁଥିବା ୧ହଜାର ବ୍ୟବସାୟୀ ରାସ୍ତାକଡ଼ରେ ଶୌଚ କରୁଛନ୍ତି। ଯାହା ଅଞ୍ଚଳବାସୀଙ୍କ ପାଇଁ ଦୁର୍ଗନ୍ଧର କାରଣ ପାଲଟିବା ସହ ମାର୍କେଟ ପରିସରରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ସେହିଭଳି ଶୌଚାଳୟ

- ■ ୨ ବର୍ଷ ହେଲା ଶୌଚାଳୟରେ ପାଣି ନାହିଁ
- ■ ସନ୍ଧ୍ୟା ହେଲେ ଜମୁଛି ନିଶାଡ଼ିଙ୍କ ଆଡ୍ଡା

ପରିସରକୁ ବିହାରୀ ଉଠାବ୍ୟବସାୟୀମାନେ ଗୋଦାମ ଘର ଭାବେ ବ୍ୟବହାର କରୁଛନ୍ତି। ସଞ୍ଜ ହେଲେ ଶୌଚାଳୟ ପରିସର ନିଶାଡ଼ିଙ୍କ ଆଡ୍ଡାସ୍ଥଳ ପାଲଟିଛି।

୨୦୧୮ ମସିହାରେ ୟୁନିଟ୍-୨ ମାର୍କେଟ ପରିସରରେ ରହିଥିବା ଇଷ୍ଟର୍ଣ୍ଣ ଟାୱାର ମାର୍କେଟରେ ବ୍ୟବସାୟୀ ଓ ଗ୍ରାହକଙ୍କ ନିମନ୍ତେ ବିଏମ୍‌ସି ପକ୍ଷରୁ ସୁଲଭ ଶୌଚାଳୟ ନିର୍ମାଣ ହୋଇଥିଲା। ଇଷ୍ଟର୍ଣ୍ଣ ଟାୱାର ପରିସରରେ ପ୍ରାୟ ୫୦ବର୍ଷ ହେଲା ସ୍ଥାୟୀ ବ୍ୟବସାୟୀ ବ୍ୟବସାୟ କରୁଥିବାବେଳେ ଭଡ଼ା ବାବଦକୁ ସାଧାରଣ ପ୍ରଶାସନ ବିଭାଗକୁ ମାସିକ ଦେୟ ସାଙ୍ଗକୁ ବିଜୁଳି ଓ ପାଣି ବିଲ୍ ମଧ୍ୟ ଦେଉଛନ୍ତି। ହେଲେ ପ୍ରତିବଦଳରେ ମୌଳିକ ସୁବିଧା ପାଇପାରୁ ନାହାନ୍ତି ଏଠାକାର ସ୍ଥାୟୀ ବ୍ୟବସାୟୀ। ଏହି ମାର୍କେଟ ଚତୁଃପାର୍ଶ୍ୱରେ ରାଜ୍ୟ ବାହାରର ଶହ ଶହ ସଂଖ୍ୟାରେ ଉଠା ବ୍ୟବସାୟୀ ନିଜର ପସରା ମେଲାଇ ଥିବାରୁ ଏଭଳି ସମସ୍ୟା ହେଉଥିବା କୁହାଯାଉଛି। ତେବେ ସମସ୍ତଙ୍କ ବ୍ୟବହାର ନିମନ୍ତେ ରହିଥିବା ଏହି ଶୌଚାଳୟ ଏବେ କାହାରି କାମରେ ଆସୁନି।

ସୂଚନା ଅନୁସାରେ, ଶୌଚାଳୟକୁ ଏକ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରାଯିବା ସହ ରକ୍ଷଣାବେକ୍ଷଣ ନିମନ୍ତେ ଏଠାରେ ଜଣେ କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଥିଲା। ହେଲେ ରକ୍ଷଣାବେକ୍ଷଣ ଠିକ୍ ଭାବେ ହେଉ ନ ଥିବାରୁ ଆବର୍ଜନାରେ ଭରିଯାଇଛି ଶୌଚାଳୟ। ଏହାସାଙ୍ଗକୁ ୨ବର୍ଷ ହେବ ଏଠାରେ ପାଣି ସମସ୍ୟା ଥିବାରୁ ଶୌଚାଳୟ ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ। ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କ କହିବା ଅନୁସାରେ, ମୋଟର ଖରାପ ଥିବାରୁ ପାଣି ଆସିପାରୁ ନାହିଁ। ସବୁଠାରୁ ବଡ଼କଥା ହେଉଛି ଏଠାରେ ଉଠା ଦୋକାନୀମାନେ ନିଜର ବ୍ୟବସାୟିକ ସାମଗ୍ରୀ ଜମା କରୁଥିବାରୁ ତାହା ଏକପ୍ରକାର ବନ୍ଦ ହୋଇପଡ଼ିଛି। କେବଳ ସେତିକି ନୁହେଁ ସନ୍ଧ୍ୟା ହେଲେ ଶୌଚାଳୟ ଦୁଆର ମୁହଁରେ ନିଶାଡ଼ିଙ୍କ ଆଡ୍ଡା ଜମୁଛି। ବହୁ ସଂଖ୍ୟାରେ



ମହିଳା ଆସୁଥିବାବେଳେ ଶୌଚ ହେବାକୁ ଯାଇ ଫେରୁଛନ୍ତି। ଏ ନେଇ ଇଷ୍ଟର୍ଣ୍ଣ ଟାୱାରର ସଭାପତି ବରିଷ୍ଠ ଆଇନଜୀବୀ ବନ ମହାନ୍ତି କହିଛନ୍ତି ଯେ, ଏହି ଶୌଚାଳୟକୁ ଉଠା ବ୍ୟବସାୟୀମାନେ ନିଜ ଅକ୍ତିଆରରେ ରଖିଛନ୍ତି। ଏହା ମଧ୍ୟ ବ୍ୟବହାରଯୋଗ୍ୟ ହୋଇନାହିଁ। ପରିସ୍ଥିତି ଏଭଳି ହୋଇଛି ଯେ, ଏଠାରେ ଏକ ଦେୟମୁକ୍ତ ସୁଲଭ ଶୌଚାଳୟ ରହିଛି ବୋଲି ଲୋକମାନେ ଜାଣିପାରୁ ନାହାଁନ୍ତି।

ବିଗତ ଦିନରେ ଅଭିଯୋଗ କରାଯିବା ପରେ ବିଏମ୍‌ସି ସ୍କ୍ୱାଡ୍ ଅଫିସର ଉଚ୍ଛେଦ କରିବାକୁ କହିଥିଲେ। ଯାହାକି ଏବେ ବି କାର୍ଯ୍ୟକାରୀ ହୋଇପାରି ନାହିଁ। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ଶୌଚାଳୟ ପୁନର୍ବାର ବ୍ୟବହାରଯୋଗ୍ୟ ହୋଇପାରିଲେ ଶହଶହ ସଂଖ୍ୟାରେ ବ୍ୟବସାୟୀ ଓ ଗ୍ରାହକ ଉପକୃତ ହୋଇପାରନ୍ତେ ବୋଲି ସ୍ଥାନୀୟ ବ୍ୟବସାୟୀ କହିଛନ୍ତି।

